# ବିପଦରେ ସାମୁଦ୍ରିକ ପ୍ରାଣୀ, ଭିତରକନିକା

**କେନ୍ଦ୍ରାପଡ଼ା ଅଫିସ, ୨୪।୬**


କଣ୍ଡରାପାଟିଆ ଜଙ୍ଗଲ।

- ଜଳସଙ୍କଟ ସହ ଶିଳ୍ପ ପ୍ରଦୂଷଣ ବଢ଼ୁଛି
- ଖଣି, ଶିଳ୍ପରେ ବ୍ରାହ୍ମଣୀରୁ ଯାଉଛି ୮୬.୨୬ ଏମ୍‌ସିଏମ୍ ପାଣି
- ଅନୁଗୋଳ, ଭିତରକନିକା ମଧ୍ୟରେ ଜଳ ୧୦ ଗୁଣ ବିଷାକ୍ତ

କେନ୍ଦ୍ରାପଡ଼ା ଜିଲା ଜାତୀୟ ଉଦ୍ୟାନ ଭିତରକନିକାର ଜୈବବିବିଧତା ଉପରେ ବିପଦ ଘନେଇ ଆସୁଛି। ଏଠାରେ ଥିବା ସାମୁଦ୍ରିକ ଓ ବନ୍ୟପ୍ରାଣୀ ମୃତ୍ୟୁଆଡ଼କୁ ଠେଲିହୋଇ ଯାଉଛନ୍ତି। ମଧୁର ଜଳର ସଙ୍କଟ ସହ ଶିଳ୍ପ ପ୍ରଦୂଷଣ ଏଥିପାଇଁ କାରଣ ସାଜିଛି। କେବଳ ବ୍ରାହ୍ମଣୀ ନଦୀରୁ ଶିଳ୍ପ ଓ ଖଣି ଲାଗି ବର୍ଷକୁ ୮୬.୨୬ ମିଲିୟନ କ୍ୟୁବିକ୍ ମିଟର ଉଠାଯାଉଛି। ସେହିପରି ଶିଳ୍ପ ପ୍ରଦୂଷଣରେ ଅନୁଗୋଳ ଓ ଭିତରକନିକା ମଧ୍ୟରେ ଥିବା ବ୍ରାହ୍ମଣୀ ଜଳ ବିଷାକ୍ତ ବୋଲି କେନ୍ଦ୍ର ପର୍ଯ୍ୟାବରଣ ବିଭାଗ ରିପୋର୍ଟରୁ ପ୍ରକାଶ ପାଇଛି।

ଭିତରକନିକାର ଜୈବବିବିଧତା ଓ ଏହାର ସମନ୍ୱିତ ପରିଚାଳନା ସମ୍ପର୍କରେ ରିସର୍ଚ୍ଚ କରୁଥିବା ଅଧ୍ୟାପକ ଦେବୀ ପ୍ରସାଦ ସାହୁ, ଅଧ୍ୟାପକ ଶରତ କୁମାର ସାହୁ ଓ ଅଧ୍ୟାପକ କ୍ଷୀତିଶ କୁମାର ସିଂହ କହିଛନ୍ତି, ଭିତରକନିକା ପରିବେଶ ଏବେ ଉଦ୍‌ବେଗଜନକ ସ୍ଥିତି ଆଡ଼କୁ ଯାଉଛି। ପ୍ରତିଦିନ ଏହି ଆର୍ଦ୍ରଭୂମିରେ ଜମା ହେଉଥିବା ପ୍ରଦୂଷିତ ଜଳ ଜୀବଜଗତ ପ୍ରତି ବିପଦ ସାଜିଛି। କେନ୍ଦ୍ର ପର୍ଯ୍ୟାବରଣ ବିଭାଗ ପକ୍ଷରୁ ୨୦୦୮ରୁ ୨୦୧୮ ମଧ୍ୟରେ ବ୍ରାହ୍ମଣୀ, ବୈତରଣୀ ଅବବାହିକାର ଜଳ ସମ୍ପର୍କରେ ଅନୁଧ୍ୟାନ କରାଯାଇ ପ୍ରସ୍ତୁତ ରିପୋର୍ଟରେ ଉଲ୍ଲେଖ ହୋଇଛି। ଏଥିସହ ଭିତରକନିକାକୁ ପ୍ରବେଶ କରୁଥିବା ଜଳଉତ୍ସ ଉପରେ ନିର୍ଭର କରୁଥିବା ଲୁହା ଓ ଆଲୁମିନିୟମ ଶିଳ୍ପ, ସିମେଣ୍ଟ, ଫେରୋକ୍ରୋମ୍, ସାର କାରଖାନା ଆଦିର ଜଳ ଗ୍ରହଣ ଓ ପ୍ରଦୂଷିତ ଜଳ ପ୍ରେରଣକୁ ନେଇ ଅନୁଧ୍ୟାନ ହୋଇଥିଲା। ଏହି ଅନୁଧ୍ୟାନରେ ବ୍ରାହ୍ମଣୀ ଜଳ ଶିଳ୍ପ ପାଇଁ ଅଧିକ ପ୍ରଦୂଷିତ ହେଉଥିବା ଦର୍ଶାଯାଇଛି। ଏପରି କି ଅନୁଗୋଳଠାରେ ପାଣି ଓ ଭିତରକନିକା ପାଣି ସାମ୍ପଲ ମଧ୍ୟରେ ୧୦ ଗୁଣ ବ୍ରାହ୍ମଣୀ ଜଳ ବିଷାକ୍ତ ବୋଲି ରିପୋର୍ଟରେ ଉଲ୍ଲେଖ ହୋଇଛି। ଭିତରକନିକା ଜୈବବିବିଧତା ସୁରକ୍ଷାରେ ବ୍ରାହ୍ମଣୀ, ବୈତରଣୀ ଓ ମହାନଦୀର ଜଳ ଗୁରୁତ୍ୱ ବହନ କରୁଛି। ତେବେ ଏଥିମଧ୍ୟରୁ ସର୍ବାଧିକ ଜଳ ବ୍ରାହ୍ମଣୀ ନଦୀ ଯୋଗାଇଥାଏ। ଏହି ନଦୀ ଅବବାହିକାରେ ଜନସଂଖ୍ୟା ବୃଦ୍ଧିକୁ ତାଳ ଦେଇ ଶିଳ୍ପ ବୃଦ୍ଧି ପାଇବାରେ ଲାଗିଛି। ଶିଳ୍ପରୁ ବାହାରୁଥିବା ଫ୍ଲାଏ ଆଶ୍ ବା ଉଡ଼ନ୍ତା ପାଉଁଶର ନିୟନ୍ତ୍ରଣ ପାଇଁ ଜଳର ଆବଶ୍ୟକତା ଅଛି। ଶିଳ୍ପ ଓ ଖଣି କାର୍ଯ୍ୟ ଲାଗି ବର୍ଷକୁ ୮୬.୨୬ ଏମ୍‌ସିଏମ୍ ଜଳ ବ୍ରାହ୍ମଣୀ ନଦୀରୁ ଉତ୍ତୋଳନ ହେଉଛି। ନଦୀ ଅବବାହିକାରେ ଥିବା ଅନ୍ୟୁନ ୧୦ ଖଣି ପାଇଁ ଦୈନିକ ୧୫,୮୦୦ କିଲୋ ଲିଟର ବ୍ୟବହାର ହେଉଛି। ଏହାବ୍ୟତୀତ ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ପାନୀୟ ଜଳ ଓ ଚାଷ ପାଇଁ ମେଗା ପ୍ରକଳ୍ପମାନ ପ୍ରତିଷ୍ଠା ହୋଇଛି। ଶିଳ୍ପରୁ ବାହାରୁଥିବା ପ୍ରଦୂଷିତ ଜଳ ନଦୀକୁ ବିଷାକ୍ତ କରୁଛି। ଶିଳ୍ପ ଓ ଜନସାଧାରଣଙ୍କ ଆବଶ୍ୟକତା ପାଇଁ ନଦୀରେ ଜଳସଙ୍କଟ ଆରମ୍ଭ ହୋଇଛି। ଏହି କେନ୍ଦ୍ରୀୟ ବିଭାଗର ୨୦୧୩ ରିପୋର୍ଟ ମଧ୍ୟ ଅନୁରୂପ ମତ ଉଲ୍ଲେଖ କରିଛି। ଭିତରକନିକାରେ ଜମା ହେଉଥିବା ବିଷାକ୍ତ ଜଳ ସାମୁଦ୍ରିକ ଓ ବନ୍ୟପ୍ରାଣୀ ସମେତ ଜୈବବିବିଧତାର ବିପଦ ସାଜିଛି। ବିଷାକ୍ତ ଜଳର ବିଶୁଦ୍ଧୀକରଣ ବ୍ୟବସ୍ଥା ସମ୍ପର୍କରେ ଅଦ୍ୟାବଧି କୌଣସି ଯୋଜନା ପ୍ରସ୍ତୁତ ହୋଇନାହିଁ। ଏପରି କି ନିକଟରେ ଥିବା ଧାମରା ଓ ପାରାଦୀପ ବନ୍ଦରକୁ ବଡ଼ ଜାହାଜ ଓ ନିକଟସ୍ଥ ଅଏଲ ରିଫାଇନାରିରୁ ତେଲ ଲିକ୍ ହେବାର ସମ୍ଭାବନା ଅଛି। ଏହି ବିପଦରୁ ମୁକ୍ତ ପାଇଁ ଓ ଜୈବବିବିଧତା ସମନ୍ୱିତ ପରିଚାଳନା ଲାଗି ପର୍ଯ୍ୟାବରଣ ବିଭାଗ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ଏହି ଗବେଷକମାନେ ମତ ଦେଇଛନ୍ତି।

## ସଂକ୍ଷେପରେ

### ଡିଙ୍କିଆରେ ନାଟକ ମହୋତ୍ସବ ଉଦ୍‌ଯାପିତ



କୁଜଙ୍ଗ,୨୪।୬ (ଡି.ଏନ.ଏ.): ଏରସମା ବ୍ଲକ ଅନ୍ତର୍ଗତ ଡିଙ୍କିଆ ପଞ୍ଚାୟତର ଡିଙ୍କିଆଠାରେ ୩ ଦିନ ଧରି ଚାଲିଥିବା ନାଟକ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଜଗତ୍‌ସିଂହପୁର ଏସ୍‌ପି ଅଖିଳେଶ୍ୱର ସିଂହ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନିମାଇଁ ଚରଣ ସେଠୀ, ଅଭୟଚାନ୍ଦପୁର ଥାନା ଆଇଆଇସି ଜୀବନାନନ୍ଦ ଜେନା ଓ ସରପଞ୍ଚ କିଶୋର ପରିଡ଼ା ଯୋଗଦେଇଥିଲେ। ଉଦ୍‌ଘାଟନୀ ରାତିରେ ଅମିୟ ସାମନ୍ତରାୟଙ୍କ ନିର୍ଦ୍ଦେଶିତ ନାଟକ ‘ମୁଁ ସେହି ଭଦ୍ରକିଆ ଟୋକା’ ମଞ୍ଚସ୍ଥ ହୋଇଥିଲା। ସେହିପରି ଦ୍ୱିତୀୟ ରାତ୍ରିରେ ନାଟକ ‘ଭାଇ ଭଉଣୀର ନୂଆ କାହାଣୀ’ ମଞ୍ଚସ୍ଥ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପାରାଦୀପର ବିଶିଷ୍ଟ ଶ୍ରମିକନେତା ରାକେଶ ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ କଳାକାର, ଆୟୋଜକ ଓ ମା’ ଫୁଲଖାଇ ଡ୍ରାମାଟିକ କ୍ଲବର ଏଭଳି ସାଂସ୍କୃତିକ ଆୟୋଜନକୁ ପ୍ରଶଂସା କରିବା ସହ ଡିଙ୍କିଆ ଗ୍ରାମବାସୀ ନିଜ ନିଜ ଭିତରେ ଭାଇଚାରାକୁ ବଞ୍ଚାଇ ରଖିଛନ୍ତି ବୋଲି ଆଜିର ନାଟକ ମହୋତ୍ସବ ତା’ର ପ୍ରମାଣ ଦେଇଛି ବୋଲି କହିଥିଲେ। ଯୁବ ନିର୍ଦ୍ଦେଶକ ରଞ୍ଜନ ବର୍ଦ୍ଧନଙ୍କ ନିର୍ଦ୍ଦେଶିତ ନାଟକ ‘ଆଖି ଅବୁଝାକୁ ଲୁହ ଅବୁଝା’ ମଞ୍ଚସ୍ଥ କରାଯାଇଥିଲା। ଉକ୍ତ ଉତ୍ସବରେ ସାମାଜିକ କର୍ମୀ ନିର୍ଭୟ ସାମନ୍ତରାୟ, ସମବାୟ ସମିତିର ନବନିର୍ବାଚିତ ସଭାପତି ଅକ୍ଷୟ ବେହେରା, ସଂଗ୍ରାମ ଲେଙ୍କା, ସଂଗ୍ରାମ ସ୍ୱାଇଁ, ଯୋଗେନ୍ଦ୍ର ମଲ୍ଲିକ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

### କିରୋସିନ ଢାଳିହୋଇ ମହିଳାଙ୍କ ଆତ୍ମହତ୍ୟା

**ଯାଜପୁର ଟାଉନ,୨୪।୬(ଡି.ଏନ.ଏ.):** ଯାଜପୁର ସଦର ଥାନା ଝାଲପଡ଼ା ପଞ୍ଚାୟତ କାକୁଡ଼ିକୁଦ ଗାଁର ମଦନ ସାମଲଙ୍କ ସ୍ତ୍ରୀ ରମା ସାମଲ(୩୫) କିରୋସିନ ଢାଳି ପୋଡ଼ିହୋଇ ଆତ୍ମହତ୍ୟା କରିଛନ୍ତି। ସେ ଗୁରୁବାର ରାତିରେ ତାଙ୍କ ଘର ପଛପଟ ବାଡ଼ିରେ ଦେହରେ କିରୋସିନ ଢାଳି ପୋଡ଼ି ହୋଇଥିଲେ। ଶୁକ୍ରବାର ସକାଳେ ପରିବାର ଲୋକେ ଓ ଗ୍ରାମବାସୀ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରମା ବାପାଙ୍କ ବୟାନ ଅନୁଯାୟୀ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ରମା ମାନସିକ ରୋଗରେ ଦୀର୍ଘ ୨ ବର୍ଷ ହେବ ପୀଡ଼ିତ ଥିଲେ। ତାଙ୍କର ଚିକିତ୍ସା ଚାଲିଥିଲା। ତେବେ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଛନ୍ତି ବୋଲି ରମାଙ୍କ ବାପଘର ପକ୍ଷରୁ ପୋଲିସ ନିକଟରେ ବୟାନ ଦିଆଯାଇଛି। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ଡାକ୍ତରଖାନାକୁ ପଠାଇଛି। ମୃତ ମହିଳାଙ୍କ ୧୪ ବର୍ଷର ପୁଅ ଓ ୧୩ ବର୍ଷର ଝିଅ ଅଛନ୍ତି। ୧୫ ବର୍ଷ ତଳେ ରମା କାକୁଡ଼ିକୁଦ ଗାଁର ମଦନ ସାମଲଙ୍କୁ ବିବାହ କରିଥିଲେ। ତାଙ୍କ ବାପଘର ବାଲିଆ ନିକଟସ୍ଥ ଗଙ୍ଗାଧରପୁର ଗ୍ରାମରେ ବୋଲି ଜଣାପଡ଼ିଛି।

## ୨୭ରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

**ଧର୍ମଶାଳା,୨୪।୬(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ୍‌ରେ ଆସନ୍ତା ୨୭ ତାରିଖ ସୋମବାର ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଶିବିରରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଓ ଆରକ୍ଷୀ ଅଧୀକ୍ଷକ ରାହୁଲ୍ ପିଆର୍‌ଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିବା ସହିତ ସମାଧାନ ପାଇଁ ଉଦ୍ୟମ କରିବେ। କରୋନା ଯୋଗୁ ୨ ବର୍ଷ ହେଲା ଜନଶୁଣାଣି ଶିବିର ବନ୍ଦ ଥିଲା। ଚଳିତ ବର୍ଷ ପ୍ରଥମଥର ଶିବିର ଅନୁଷ୍ଠିତ ହେଉଥିବାରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଧର୍ମଶାଳା ଥାନା ଅଧିକାରୀଙ୍କୁ ଅନୁରୋଧ କରାଯାଇଛି। ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଏ ସମ୍ପର୍କରେ ଅବଗତ କରିବା ପାଇଁ ବ୍ଲକର ସମସ୍ତ ଜିଲା ପରିଷଦ ସଭ୍ୟାସଭ୍ୟ, ସରପଞ୍ଚ ଓ ସମିତି ସଭ୍ୟାସଭ୍ୟାଙ୍କୁ ଅନୁରୋଧ କରାଯାଇଛି ବୋଲି ବିଡିଓ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି।

# ଜିପ୍‌ସମ୍ ପରିବହନକୁ ନେଇ ବିବାଦ


ଲୋକମାନେ ରାସ୍ତାରେ ଅଟକ ରଖାଯାଇଥିବା ଜିପ୍‌ସମ୍ ବୋଝେଇ ଗାଡି।

**ମାର୍ଶାଘାଇ,୨୪।୬(ଡି.ଏନ୍.ଏ.)**

ପାରାଦ୍ୱୀପ ଇଫ୍‌କୋ ସାର କାରଖାନାରୁ ବାହାରୁ ଥିବା ଜିପ୍‌ସମ୍‌ର ପରିବହନକୁ ନେଇ ବିବାଦ ଦେଖା ଯାଇଛି ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଟ୍ରକ ମାଲିକ ସଂଘର ୩ ମିଳିତ ମଞ୍ଚ ପକ୍ଷରୁ ଇଫ୍‌କୋ କର୍ତ୍ତୃପକ୍ଷ ସେମାନଙ୍କୁ ପରିବହନ ପାଇଁ ସୁଯୋଗ ନ ଦେବା ଅଭିଯୋଗରେ ମାର୍ଶାଘାଇ ଥାନା ଅନ୍ତର୍ଗତ ବେଲାର ନୂଆଗାଁ ଛକରେ ଅନ୍ୟ ଜିଲାର ଜିପସମ ବୋଝେଇ ହୋଇଥିବା ୬ଟି ଟ୍ରକକୁ ଅଟକାଇ ଥିଲେ। ସଂଘର ବହୁ କାର୍ଯ୍ୟକର୍ତ୍ତା ବେଲରନୂଆଗାଁ ଛକରେ ତମ୍ବୁ ଟାଣି ବସି ରହି ଜିପ୍‌ସମ୍ ଗାଡ଼ିକୁ ଚିହ୍ନଟ କରିଥିଲେ। ଖବର ପାଇ ମାର୍ଶାଘାଇ ଥାନା ଅଧିକାରୀ ପି.କେ.କାନୁନଗୋ, ମହାକାଳପଡ଼ା ଥାନା ଅଧିକାରୀ ମନୋରଞ୍ଜନ ଚୌଧୁରୀ, ପାଟକୁରା ଥାନା ଅଧିକାରୀ ସରୋଜ ସାହୁ, ଜମ୍ବୁ ମେରାଇନ ଥାନା ଅଧିକାରୀ ପରେଶ ମହାନ୍ତି ଓ କେନ୍ଦ୍ରାପଡ଼ା ସଦର ଥାନା ଅଧିକାରୀ ପବିତ୍ର ମହାରଣା ପ୍ରମୁଖ ୨ ପ୍ଲାଟୁନ ପୋଲିସ ଫୋର୍ସ ସହ ପହଞ୍ଚି ସଂଘ କର୍ମକର୍ତ୍ତାଙ୍କୁ ଘଉଡ଼ାଇ ଦେଇଥିଲେ । ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା । ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏ ସଂକ୍ରାନ୍ତରେ ମାର୍ଶାଘାଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ ।

## ନିମାଇଁ ଚରଣ ଦାସ ସଭାପତି

### ନହୁଣି ପ୍ରାଥମିକ କୃଷି ସମବାୟ ସମିତି ନିର୍ବାଚନ

**ରାଜକନିକା,୨୪।୬(ଡି.ଏନ.ଏ.)**

ରାଜକନିକା ବ୍ଲକର ନହୁଣି ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଭାବେ ନିମାଇଁ ଚରଣ ଦାସ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ସେହିପରି ମଞ୍ଜୁଲତା ମହାପାତ୍ର , ମନୋରଞ୍ଜନ ମଲ୍ଲିକ, ଶାନ୍ତିଲତା ବିଶ୍ୱାଳ, ପ୍ରେମଲତା ବିଶ୍ୱାଳ, ଦାମୋଦର ନାୟକ, ଚିତ୍ତରଞ୍ଜନ ଦାସ, ଜୟଗୁରୁପଣ୍ଡା, ଶ୍ରୀନିବାସ ପ୍ରଧାନ, ଶାନ୍ତିଲତା ମଲ୍ଲିକ, ସୁକାନ୍ତି ବେହେରା, ମିନତି ବିଶ୍ୱାଳ ସଞ୍ଜୟ ସାହୁ,ଓ ଅଶୋକ କୁମାର ସାହୁ ବିଭିନ୍ନ ଜୋନ୍‌ରୁ ଡାଇରେକ୍ଟର ଭାବେ ନିର୍ବାଚିତ ହୋଇଛନ୍ତି।

## ସାମାଜିକ କର୍ମୀଙ୍କ ପରଲୋକ

**ରାଜକନିକା,୨୪।୬(ଡି.ଏନ.ଏ.)**

ସାମାଜିକ କର୍ମୀ ରବୀନ୍ଦ୍ର କୁମାର ଦାସଙ୍କ ପରଲୋକ ଘଟିଛି। ଏହି ଖବର ଜଣାପଡିବା ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୋକ ପ୍ରକାଶ ପାଇଛି। ତାଙ୍କ ଉଦ୍ୟମରେ ନମତରାପଟୁ ପଦନିପାଳ ପୋଲ ନିର୍ମାଣ ଆରମ୍ଭ ହୋଇଥିଲା। ତାଙ୍କ ପରଲୋକ ଖବର ଶୋକାକୂଳ ପରିବେଶ ସୃଷ୍ଟି କରିଛି। କଣ୍ଡିଆ ଶହିଦ ସ୍ମୃତି କମିଟିର ସଭାପତି ଶିବରାମ ଦାସ , ଖରସ୍ରୋତା ସାଂସ୍କୃତିକ ପରିଷଦ ସଭାପତି ଲକ୍ଷ୍ମୀଧର ରାଉତ, ଅବସରପ୍ରାପ୍ତ ଶିକ୍ଷକ ନୀରଞ୍ଜନ ଜେନା , ଖରସ୍ରୋତା ସାଂସ୍କୃତିକ ପରିଷଦର ସମ୍ପାଦକ ନିରଞ୍ଜନ ବେହେରା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଗୋଚର ଜମିରେ ପକ୍କାଘର ନିର୍ମାଣକୁ ବିରୋଧ

## ତହସିଲଦାରଙ୍କୁ ଫେରାଦ ହେଲେ ଗ୍ରାମବାସୀ

**ଡେରାବିଶ,୨୪।୬(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ତିଳକଣା ଗ୍ରାମର ଗୋଚର ଜମିରେ ପକ୍କା ଘର ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଥିବା ବେଳେ ତହସିଲର ଦ୍ୱାରସ୍ଥ ହୋଇଛନ୍ତି । ତିଳକଣା ଗ୍ରାମର କେତେଜଣ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଏକ ଗୋଚର ଜମିକୁ ଜବରଦଖଲ କରି ପକ୍କା ଘର ନିର୍ମାଣ କରୁଛନ୍ତି । ଗ୍ରାମର ପ୍ରାୟ ୮୦ ପ୍ରତିଶତ ପରିବାର ଚାଷ କାର୍ଯ୍ୟ ସହ ଗାଈ, ଛେଳି, ମେଣ୍ଢା ପାଳନ କରି ପରିବାର ପ୍ରତିପୋଷଣ କରିଥାନ୍ତି । ଗୋରୁଗାଈମାନଙ୍କ ଖାଦ୍ୟ ନିମନ୍ତେ ଚାରଣ ଭୂମିର ଆବଶ୍ୟକତା ଥିବା ବେଳେ ଗ୍ରାମରେ ଅଳ୍ପ ପରିମାଣର ଗୋଚର ଓ ସରକାରୀ ଜମି ରହିଛି । ଏବେ ସେହି ଜମି ଉପରେ ସ୍ଥାୟୀ ପକ୍କା ଘର କରି ନିଜ ଅକ୍ତିଆରକୁ ନେବାକୁ ସମ୍ପୃକ୍ତ ବ୍ୟକ୍ତିମାନେ ମସୁଧା ଚଳାଇଥିବା ଗ୍ରାମବାସୀ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି । ଏ ସମ୍ପର୍କରେ ଗ୍ରାମବାସୀ ପୂର୍ବରୁ ତହସିଲ କାର୍ଯ୍ୟାଳୟକୁ ଅବଗତ କରିଥିଲେ । ତହସିଲ ପକ୍ଷରୁ ନିର୍ମାଣ କାର୍ଯ୍ୟ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର ଘର କରୁଥିବା ବ୍ୟକ୍ତିମାନେ ଛୁଟି ଦିନ ଦେଖି ନିର୍ମାଣ କାମ ଜାରି ରଖିଥିଲେ । ସେହି କାମ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଗ୍ରାମବାସୀ ଏହାକୁ ନାପସନ୍ଦ କରିଛନ୍ତି । ଗ୍ରାମବାସୀ ଏହାକୁ ବିରୋଧ କରିବା ସହିତ ତହସିଲ କର୍ତ୍ତୃପକ୍ଷ ଏଥିରେ ହସ୍ତକ୍ଷେପ କରିବା ସହିତ ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲିଖିତ ଭାବେ ଜଣାଇଛନ୍ତି । ଯଦି ଗୋଚର ଜମି ଉପରେ ହୋଇଥିବା ଘର କାମକୁ ବନ୍ଦ କରା ନ ଯାଏ ତେବେ ଗ୍ରାମବାସୀ ବାଧ୍ୟ ହୋଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି । ଗ୍ରାମର ସରୋଜକାନ୍ତ ବିଶ୍ୱାଳ, ପ୍ରମୋଦ ମଲିକ, ବରେନ୍ଦ୍ର ବେହେରା, ବିଷ୍ଣୁ ପ୍ରସାଦ ବିଶ୍ୱାଳ, ରଞ୍ଜନ ବିଶ୍ୱାଳ, ଶ୍ରୀନିବାସ ରାଉତ ଓ ସୁବାସ ରାଉତ ପ୍ରମୁଖ ତହସିଲଦାର ଓ ଜିଲାପାଳଙ୍କୁ ଏ ସଂକ୍ରାନ୍ତରେ ଅବଗତ କରିଛନ୍ତି ।


ଗୋଚର ଜମିରେ ନିର୍ମାଣାଧୀନ ଗୃହ।

# ଭାରତୀୟ କଳାରତ୍ନ ଆର୍ଟ ଏକ୍ସିଲେନ୍ସ ଆୱାର୍ଡ ପାଇଲେ ଯତୀନ ଦାସ

**ଆଳି,୨୪।୬(ଡି.ଏନ.ଏ.)**

ଭାରତୀୟ କଳାରତ୍ନ ଆର୍ଟ ଏକ୍ସିଲେନ୍ସ ଆୱାର୍ଡ ପ୍ରଦାନ ନିମନ୍ତେ ମହାରାଷ୍ଟ୍ରର ଔରଙ୍ଗବାଦର ଅଜନ୍ତା ଏଲୋରା ଇଣ୍ଟରନ୍ୟାଶନଲ ଆର୍ଟ ଗ୍ୟାଲେରୀରେ ବିଭିନ୍ନ ବର୍ଗର ଚିତ୍ରଶିଳ୍ପୀଙ୍କୁ ନେଇ ଚିତ୍ରକଳା ପ୍ରଦର୍ଶନୀ କରାଯାଇଥିଲା। ଏହି ଚିତ୍ରକଳା ପ୍ରଦର୍ଶନୀରେ କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ସିଙ୍ଗିରି ପଞ୍ଚାୟତ ଧାନମଣ୍ଡଳ ଗାଁର ଜିତେନ୍ଦ୍ର କୁମାର ଦାସ (ଜତୀନ) ଭାଗ ନେଇଥିଲେ। ଜତୀନ ନିଜ କଳା ପ୍ରଦର୍ଶନ କରି ବିଚାରକ ମଣ୍ଡଳୀ ଦ୍ୱାରା ଯୋଗ୍ୟ ବିବେଚିତ ହୋଇ ଭାରତୀୟ କଳାରତ୍ନ ଏକ୍ସିଲେନ୍ସ ଆୱାର୍ଡ ହାସଲ କରିଛନ୍ତି। ଜତୀନ ଧର୍ମ ଓ ଶାନ୍ତିକୁ ଆଧାର କରି ଶାନ୍ତିର ପ୍ରତୀକ ଗୌତମବୁଦ୍ଧ ପଦ୍ମଫୁଲ ପାରାକୁ ନେଇ ଏକ କ୍ୟାନଭାସ ଚିତ୍ରକଳା ପ୍ରଦର୍ଶନ କରିଥିଲେ। ଯାହାକି ବିଚାରକ ମଣ୍ଡଳୀ ଦ୍ୱାରା ଯୋଗ୍ୟ ବିବେଚିତ ହୋଇଥିଲା। ଜତୀନ ପୂର୍ବରୁ ଜାତୀୟ, ଆନ୍ତର୍ଜାତୀୟ ସ୍ତରରେ କଳା ପ୍ରଦର୍ଶନରେ ଭାଗ ନେଇ ଧର୍ମପଦ ଆୱାର୍ଡ, ବିଦ୍ୟାଧର ଆୱାର୍ଡ, ନନ୍ଦଲାଲ ଆୱାର୍ଡ, ପିକାସସ୍ ଆୱାର୍ଡରେ ପୁରସ୍କୃତ ହୋଇଛନ୍ତି। ଜତୀନ ନିଜ ନିପୁଣ ଦକ୍ଷତାରେ ବାଲୁକା ଚିତ୍ର ଓ ଭାସ୍କର୍ଯ୍ୟ କଳା ପ୍ରଦର୍ଶନ କରି ନିଜ ଜୀବିକା ନିର୍ବାହ କରନ୍ତି। ପ୍ରତିଭାବାନ ଜତୀନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ମିଳିଲେ ସେ ଆନ୍ତର୍ଜାତୀକ ସ୍ତରରେ କଳା ପ୍ରଦର୍ଶନ କରି ଓଡ଼ିଶା ପାଇଁ ସୁନାମ ଆଣିପାରିବେ ବୋଲି ଆଶା ରଖିଛନ୍ତି।


ମେଡାଲ ସହ ଯିତେନ୍ଦ୍ର ।

## ନକଲି ପ୍ରମାଣପତ୍ରରେ ଯୁବକଙ୍କୁ କଳାକାର ଭତ୍ତା

**ରାଜକନିକା,୨୪।୬(ଡି.ଏନ.ଏ.)**

ରାଜକନିକା ବ୍ଲକର ପଶ୍ଚିମକନିକା ଅଞ୍ଚଳରେ ଯାଜପୁରରୁ ମିଛ ସାର୍ଟିଫିକେଟ ଯୋଗାଡ କରି ବହୁ ଯୁବକ କଳାକାର ଭତ୍ତା ହାତେଇଛନ୍ତି । ଦିନେ ହେଲେ ଗୀତ ଗାଇ ନ ଥିବା ଜଣେ ଯୁବକ କିପରି କଳାକାର ଭତ୍ତା ପାଇଲେ ଏ ନେଇ ଲୋକେ ପ୍ରଶ୍ନ କରିଛନ୍ତି । ବହୁ କଳାକାର ସରକାରୀ ଅନୁଦାନକୁ ଅପେକ୍ଷା କରିଛନ୍ତି । ବହୁ ବରିଷ୍ଠ କଳାକାର ଏ ଯାଏ କଳାକାର ଭତ୍ତା ପାଇ ନାହାନ୍ତି । ହେଲେ ଅନ୍ୟ ଜିଲାରୁ ନକଲି ପ୍ରମାଣ ପତ୍ର ଆଣିଥିବା ଯୁବତୀ, ଯୁବକ ଏହି ଭତ୍ତା ଗ୍ରହଣ କରୁଥିବ ଅଭିଯୋଗ ହୋଇଛି।

# ଚାଷ ପ୍ରତି ବିମୁଖ ହେଉଛନ୍ତି ଚାଷୀ

**ପଟ୍ଟାମୁଣ୍ଡାଇ,୨୪।୬**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ବହୁ ଚାଷୀ ଏବେ ଚାଷ ପ୍ରତି ବିମୁଖ ହେଉଛନ୍ତି । ଏହି ବ୍ଲକ୍ ଅଞ୍ଚଳରେ ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି । ମାତ୍ର ଚାଷରୁ ପୂର୍ବଭଳି ଲାଭ ହେଉ ନ ଥିବାରୁ ଚାଷୀ ଚାଷ କରିବାକୁ ମନ ବଳାଉନାହାନ୍ତି । ଏଥିପାଇଁ କୃଷି, ସମବାୟ ବିଭାଗ, ସାର ଓ କୀଟନାଶକ ବ୍ୟବସାୟୀ ଏକ ପ୍ରକାର ଦାୟୀ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଅପରପକ୍ଷେ ବାତ୍ୟା ଓ ମରୁଡ଼ିରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କୃଷି ବିଭାଗ କିମ୍ବା ବୀମା କମ୍ପାନୀ ପକ୍ଷରୁ ଆର୍ଥିକ ସହାୟତା ଠିକ୍ ଭାବେ ମିଳିପାରି ନାହିଁ। ମୂଲିଆ ମଜୁରି ମଧ୍ୟ ବଢିବାରେ ଲାଗିଥିବାରୁ ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ଚାଷୀ ପାଉନାହାନ୍ତି । ଏହା ମଧ୍ୟ ଚାଷରୁ ବିମୁଖ ହେବାର ଅନ୍ୟ ଏକ କାରଣ ବୋଲି ଚାଷୀମାନେ କହିଛନ୍ତି।

ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ବିଗତ ବର୍ଷରେ ୧୫ ହଜାର ୭୪ ହେକ୍ଟର ଜମିରେ ଧାନଚାଷ କରାଯାଉଥିଲା। କିନ୍ତୁ ଚଳିତ ବର୍ଷ ୧୦ହଜାର ୪ଶହ ହେକ୍ଟର ଜମିରେ ଚାଷ ପାଇଁ କୃଷି ବିଭାଗ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବ୍ଲକରେ ଏବେ ୧୩ଟି ସମବାୟ ସମିତି ସହ ୨୪ ଲାଇସେନ୍ସପ୍ରାପ୍ତ ଦୋକାନ ମାଧ୍ୟମରେ ସାର ଓ କୀଟନାଶକ ବିକ୍ରି କରିବା ପାଇଁ ସ୍ଥିର କରାଯାଇଛି। ବିଲରେ ଧାନ ବୁଣିବା ପରେ ଗ୍ରୋମୋର ସାର ବ୍ୟବହାର କରାଯାଇ ଥାଏ। ଏହି ସାର ଏବେ ଲାଇସେନ୍ସପ୍ରାପ୍ତ ଦୋକାନରେ ମିଳୁ ନ ଥିବା କୃଷକ ନେତା ଜ୍ୟୋତି ପ୍ରକାଶ ପ୍ରଧାନଙ୍କ ସହିତ ଚାଷୀ ପ୍ରଦୀପ ରାଉତ, ରମେଶ ବିଶ୍ୱାଳ, ଅଜୟ ସାହୁ ,ଅଜୟ ନାୟକ,ସୁଶାନ୍ତ ସାମଲ,ରିତ ପ୍ରଧାନ ପ୍ରମୁଖ କୃଷି ବିଭାଗ ନିକଟରେ ଅଭିଯୋଗ କରିଛନ୍ତି। ଏ ନେଇ ଅତିରିକ୍ତ କୃଷି ଅଧିକାରୀ ଭଦ୍ର ନାରାୟଣ ଦାସଙ୍କୁ ପଚାରିବାରୁ, ବର୍ତ୍ତମାନ ସୁଦ୍ଧା ୨ଶହ ହେକ୍ଟର ଶାରଦ ବିଲରେ ଧାନ ବୁଣା ସରିଛି। ଏବେ ମୌସୁମୀ ବାୟୁ ସକ୍ରିୟ ହେବାରୁ ଚାଷୀ ଧାନ ବୁଣିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ମୂଲିଆ ଉପରେ ନିର୍ଭର କରି ଚାଷ କରୁଥିବା ଚାଷୀ ଅନେକ ସମୟରେ କ୍ଷତିର ସମ୍ମୁଖୀନ ହେଉଛନ୍ତି। ତେଣୁ ଚାଷର ଉନ୍ନତୀକରଣ ପାଇଁ ବିଭିନ୍ନ ଯୋଜନା ସହ ଅଧିକ ଅମଳକ୍ଷମ ନୂତନ ବିହନ ବ୍ୟବହାର କରିବାକୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି ବୋଲି ସେ କହିଛନ୍ତି।

# ଜଳ ନିଷ୍କାସନ ପଥ ଅବରୋଧ

**ମହାକାଳପଡ଼ା,୨୪।୬(ଡି.ଏନ.ଏ.)**

ମୁଖ୍ୟ ଜଳ ନିଷ୍କାସନ ପଥ ଅବରୋଧ ହୋଇଛି । ଫଳରେ ବର୍ଷା ଋତୁ ଆସିଲେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ରାମନଗର ପଞ୍ଚାୟତର ୨, ୩ ଓ ୭ ନଂ.ୱାର୍ଡ଼ ବାସିନ୍ଦା ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀମାନେ ଅବଗତ ଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି । ଜଳ ନିଷ୍କାସନ ପଥକୁ ଅବରୋଧ ତଥା ଜବରଦଖଲ କରାଯାଇଥିବାରୁ ଏହି ସମସ୍ୟା ସୃଷ୍ଟି ହୋଇଛି । ୱାର୍ଡର ଜଳ ନିଷ୍କାସନ ପାଇଁ ମହାନଦୀର ଶାଖା ରାମନଗର ଗଳିଆ ନଦୀକୁ ଯିବାର ବ୍ୟବସ୍ଥା ହୋଇଛି । ହେଲେ ସେହି ପଥକୁ ଅବରୋଧ କରାଯାଇଥିବାରୁ ବର୍ଷା ଜଳ ୱାର୍ଡର ବିଭିନ୍ନ ସ୍ଥାନରେ ଜମି ରହୁଛି । ଫଳରେ ୱାର୍ଡ ବାସିନ୍ଦା ଘରୁ ବାହାରିବା ସମ୍ଭବ ହୋଇ ପାରୁନାହିଁ ।


ରାମନଗର ବଜାର ଦକ୍ଷିଣ ପାର୍ଶ୍ୱ ମୁଖ୍ୟ ଜଳ ନିଷ୍କାସନ ପଥ ପୋତି ହୋଇପଡିଛି।

### ବର୍ଷାଋତୁ ଆସିଲେ ୱାର୍ଡବାସୀଙ୍କ ଦୁଃଖ ବଢ଼େ

ବିଶେଷ କରି ରାମନଗର ହାଇସ୍କୁଲ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ପୋଷ୍ଟ ଅଫିସ ସମେତ ବହୁ ତଳିଆ ଅଞ୍ଚଳ ଏଥିପାଇଁ ଜଳମଗ୍ନ ହେଉଛି। ଲୋକମାନେ ବହୁ ଦିନ ଧରି ପାଣି ଘେରରେ ଅତି ଦୟନୀୟ ଅବସ୍ଥାରେ ରହୁଛନ୍ତି। ପାଣି ଜମିବା ଦ୍ୱାରା ନାନା ସରୀସୃପ ଘରେ ପ୍ରବେଶ କରୁଛନ୍ତି। ମଶା ବଂଶ ବଢ଼ି ଚାଲିଛି। ରାସ୍ତା ଉପରେ ପାଣି ଜମି ରହିବା ଯୋଗୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି । ତୁରନ୍ତ ଜଳ ନିଷ୍କାସନ ପଥରୁ ଅବରୋଧ ହଟାଇବା ପାଇଁ ୱାର୍ଡବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ସନ୍ତୋଷୀ ମା' ମନ୍ଦିର, ବିଗ୍ରହ ପ୍ରତିଷ୍ଠା



**ଧର୍ମଶାଳା,୨୪।୬(ଡି.ଏନ.ଏ.):** ଧର୍ମଶାଳା ବ୍ଲକ୍ ମହିଶରା ପଞ୍ଚାୟତ ରମ୍ଭେଇ, ତୋଟସିଂ ଓ ବାଡ଼ିଯୋଡ଼ା ଗ୍ରାମ ସମୂହର ମଧସ୍ଥଳୀ ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ସନ୍ତୋଷୀ ମା' ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ବିଜୟାନନ୍ଦ କର, ବଳି ପାଢ଼ୀ, ସନାତନ ପାଢ଼ୀ, ତ୍ରିଲୋଚନ ପଣ୍ଡା ଓ ସୁଧାଂଶୁ ନନ୍ଦ ପ୍ରମୁଖ ଯୋଗଦେଇ ବିଗ୍ରହ ପ୍ରତିଷ୍ଠା କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ସତ୍ୟବ୍ରତ ନାୟକ, ବାବାଜୀ ପଣ୍ଡା, ଯୋଗୀ ପଣ୍ଡା, ନାରାୟଣ ନାୟକ, କୈଳାସ ନାୟକ, ବାଦଲ ନାୟକ, କୈଳାସ ଜେନା, ପଙ୍କଜ ନାୟକ, ରମେଶ ଜେନା ଓ ଭିକାରି ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମହିଶରା ଓ ସମ୍ପାରୁ ପଞ୍ଚାୟତ ଗ୍ରାମବାସୀଙ୍କ ସହଯୋଗ କ୍ରମେ ଏହି ମନ୍ଦିର ପ୍ରତିଷ୍ଠା ହୋଇଛି। ମଙ୍ଗଳବାର ଅଙ୍କୁରାରୋପଣ, ବୁଧବାର କଳସ ଅଧିବାସ ଓ ଅଗ୍ନିସ୍ଥାପନ, ଗୁରୁବାର ସୂର୍ଯ୍ୟପୂଜା, ଗୋପୂଜା, ମହାସ୍ନାନ ଓ ଶୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ପ୍ରାଣ ପ୍ରତିଷ୍ଠା, ନ୍ୟାସ ମନ୍ଦିର ପ୍ରବେଶ ପରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ୪ଦିନ ବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ସନ୍ଧ୍ୟାରେ ମହାବୀର ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ ଓ ତୃତୀୟ ସନ୍ଧ୍ୟାରେ କଟକର ମାତୃକୃପା ଭଜନ ସନ୍ଧ୍ୟା ପକ୍ଷରୁ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ମାତୃକୃପା ଲାଭ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

### କିରୋସିନ ଢାଳିହୋଇ ମହିଳାଙ୍କ ଆତ୍ମହତ୍ୟା

**ଯାଜପୁର ଟାଉନ,୨୪।୬(ଡି.ଏନ.ଏ.):** ଯାଜପୁର ସଦର ଥାନା ଝାଲପଡ଼ା ପଞ୍ଚାୟତ କାକୁଡ଼ିକୁଦ ଗାଁର ମଦନ ସାମଲଙ୍କ ସ୍ତ୍ରୀ ରମା ସାମଲ(୩୫) କିରୋସିନ ଢାଳି ପୋଡ଼ିହୋଇ ଆତ୍ମହତ୍ୟା କରିଛନ୍ତି। ସେ ଗୁରୁବାର ରାତିରେ ତାଙ୍କ ଘର ପଛପଟ ବାଡ଼ିରେ ଦେହରେ କିରୋସିନ ଢାଳି ପୋଡ଼ି ହୋଇଥିଲେ। ଶୁକ୍ରବାର ସକାଳେ ପରିବାର ଲୋକେ ଓ ଗ୍ରାମବାସୀ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରମା ବାପାଙ୍କ ବୟାନ ଅନୁଯାୟୀ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ରମା ମାନସିକ ରୋଗରେ ଦୀର୍ଘ ୨ ବର୍ଷ ହେବ ପୀଡ଼ିତ ଥିଲେ। ତାଙ୍କର ଚିକିତ୍ସା ଚାଲିଥିଲା। ତେବେ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଛନ୍ତି ବୋଲି ରମାଙ୍କ ବାପଘର ପକ୍ଷରୁ ପୋଲିସ ନିକଟରେ ବୟାନ ଦିଆଯାଇଛି। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ଡାକ୍ତରଖାନା ପଠାଇଛି। ମୃତା ମହିଳାଙ୍କ ୧୪ ବର୍ଷର ପୁଅ ଓ ୧୩ ବର୍ଷର ଝିଅ ଅଛନ୍ତି। ୧୫ ବର୍ଷ ତଳେ ରମା କାକୁଡ଼ିକୁଦ ଗାଁର ମଦନ ସାମଲଙ୍କୁ ବିବାହ କରିଥିଲେ। ତାଙ୍କ ବାପଘର ବାଲିଆ ନିକଟସ୍ଥ ଗଙ୍ଗାଧରପୁର ଗ୍ରାମରେ ବୋଲି ଜଣାପଡ଼ିଛି।

# ୪ରେ ପିଡିଏସ୍ ଡିଲର ସଂଘର ବିକ୍ଷୋଭ

**ଯାଜପୁର ଟାଉନ, ୨୪।୬(ଡି.ଏନ.ଏ.)**

## ଅଗଷ୍ଟ ୨ରେ ସଂସଦ ଘେରାଉ ଚେତାବନୀ



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଜୁଲାଇ ୪ ତାରିଖରେ ଯାଜପୁର ପିଡିଏସ୍ ଡିଲର ସଂଘ ପକ୍ଷରୁ ଜିଲାର ୧୦ଟି ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏଥିସହ ୯ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ପ୍ରଦାନ କରାଯିବ ବୋଲି ଶୁକ୍ରବାର ଯାଜପୁର ଅଫିସର୍ସ କ୍ଲବ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଂଘ ଜିଲା ସଭାପତି ବାସୁଦେବ ବେହେରା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଜୁଲାଇ ୪ରେ ବ୍ଲକସ୍ତରୀୟ, ୧୧ରେ ଜିଲାସ୍ତରୀୟ, ୧୮ରେ ରାଜ୍ୟସ୍ତରୀୟ ବିକ୍ଷୋଭ ପ୍ରଦର୍ଶନ ସହ ଅଗଷ୍ଟ ୨ରେ ଦିଲ୍ଲୀ ସ୍ଥିତ ସଂସଦ ଭବନ ଘେରାଉ କରାଯିବ। ତାଙ୍କ କହିବା ଅନୁସାରେ, କେନ୍ଦ୍ର ସରକାରଙ୍କୁ ଦୀର୍ଘ ବର୍ଷ ହେବ ଖାଦ୍ୟ ଶସ୍ୟ ବିତରଣ ବାବଦକୁ ପ୍ରତି କୁଇଣ୍ଟାଲକୁ ୪୫୦ ଟଙ୍କା ଦେବାକୁ ଦାବି କରାଯାଇଥିଲା। ଏ ନେଇ କେନ୍ଦ୍ର ସରକାର ଏକ କମିଟି ଗଠନ କରିଥିଲେ। କମିଟି ରିପୋର୍ଟ ଆଧାରରେ ବର୍ଦ୍ଧିତ ହାର ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କମିଟି ତଦନ୍ତ କରି ଫେବୃୟାରୀ ୨୦୨୦ରେ ରିପୋର୍ଟ ପ୍ରଦାନ କରିଥିଲା। କିନ୍ତୁ ପରିତାପର ବିଷୟ କେନ୍ଦ୍ର ସରକାର କୌଣସି ବିଷୟକୁ ଧ୍ୟାନ ନ ଦେଇ ଏପ୍ରିଲ ୨୦୨୨ରୁ ଡିଲର କମିଶନ ରାଶି କୁଇଣ୍ଟାଲ ପିଛା ୨୦ ଟଙ୍କା ଓ ପାହାଡ଼ିଆ ଉତ୍ତରପୂର୍ବ ରାଜ୍ୟକୁ କୁଇଣ୍ଟାଲ ପିଛା ୩୭ ଟଙ୍କା କରିଛନ୍ତି। ଡିଲରଙ୍କ ଅନ୍ୟ ଦାବି ପ୍ରତି କେନ୍ଦ୍ର ସରକାର ଆଖି ବୁଜି ଦେଇଛନ୍ତି। ଏପରି କି ୨୩ ମାସ ହେବ ଡିଲର କମିଶନ ପାଇବାରୁ ବଞ୍ଚିତ ହୋଇଛନ୍ତି।

ପୂର୍ବରୁ କୁଇଣ୍ଟାଲ ପିଛା ଡିଲରଙ୍କୁ କମିଶନ ୭୦ ଟଙ୍କା ଦିଆଯାଉଥିଲା। ତେଣୁ ଡିଲର କମିଶନ ରାଶି କୁଇଣ୍ଟାଲ ପିଛା ୪୫୦ ଟଙ୍କା ପ୍ରଦାନ କରାଯାଉ। ନଚେତ ଡିଲରଙ୍କୁ ମାସିକ ୫୦ ହଜାର ଟଙ୍କା ରୋଜଗାରକୁ ସୁନିଶ୍ଚିତ କରାଇବା ଆବଶ୍ୟକ। ଖାଦ୍ୟ, ଶସ୍ୟ, ବିକ୍ରି ସମୟରେ କ୍ଷତି ଭରଣ ପାଇଁ କୁଇଣ୍ଟାଲ ପ୍ରତି ୧ କିଲୋଗ୍ରାମ ଭରଣ କରିବା, ପ୍ରତି ରାଶନ କାର୍ଡରେ ଖାଇବା ତେଲ ଓ ଡାଲି ଯୋଗାଇ ଦେବା, ସମସ୍ତ ଏଫପିଏସ କେନ୍ଦ୍ରକୁ ଏଲପିଜି ଗ୍ୟାସ ସିଲିଣ୍ଡର (୫ ଲିଟର) ବିତରଣ ପାଇଁ ଅନୁମତି, ଝୋଟ ଅଖାରେ ଖାଦ୍ୟ ଶସ୍ୟ ଯୋଗାଇ ଦେବା, ଗ୍ରାମାଞ୍ଚଳର ଡିଲରଙ୍କୁ ସିଧାସଳଖ ଖାଦ୍ୟ ଶସ୍ୟ ସଂଗ୍ରହ କରିବା ପାଇଁ ଅନୁମତି, ପଶ୍ଚିମବଙ୍ଗ ଢାଞ୍ଚାରେ ଖାଦ୍ୟଶସ୍ୟ ଯୋଗାଇ ଦେବା, ଜମ୍ମୁ କଶ୍ମୀର ସମେତ ସବୁ ରାଜ୍ୟରେ ରାଶନ ଡିଲରଙ୍କ ବିଭିନ୍ନ ବାବଦକୁ ବକେୟା ଥିବା କମିଶନ ରାଶି ତୁରନ୍ତ ପ୍ରଦାନ କରିବା, ରାଜସ୍ଥାନ ପରି କୋଭିଡ-୧୯ରେ ମୃତ୍ୟୁବରଣ କରିଥିବା ଡିଲରଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତି ପୂରଣ ଯୋଗାଇ ଦେବା ନେଇ ଖବରଦାତା ସମ୍ମିଳନୀରେ ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ରାଜେଶ କୁମାର ପଣ୍ଡା, ଶରତ ଚନ୍ଦ୍ର ବିଶ୍ୱାଳ, ରବିନାରାୟଣ ଜେନା, ମୁରଲୀଧର ସାହୁ, ନାରାୟଣ ଜେନା, ନରୋତ୍ତମ ଜେନା ଓ ଅଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ହୃଷୀକେଶ ବାରିକ, ପ୍ରଭାତ ଚନ୍ଦ୍ର ପାଣିଗ୍ରାହୀ, ରାମଚନ୍ଦ୍ର ସ୍ୱାଇଁ, ମାଧବାନନ୍ଦ ସାହୁ, ରଞ୍ଜନ ମିଶ୍ର, ଗୌରାଙ୍ଗ ସାହୁ, ଦେବାଶିଷ ବୈଶାଖ, କୈଳାଶ ଚନ୍ଦ୍ର ସାହୁ, ଉମାକାନ୍ତ ସାମଲ ସମେତ ଜିଲାର ବିଭିନ୍ନ ବ୍ଲକ୍ ଓ ପୌରାଞ୍ଚଳର ଡିଲର ସାମିଲ ହୋଇଥିଲେ।

### ୨୭ରେ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି

**ଧର୍ମଶାଳା,୨୪।୬(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ୍‌ରେ ଆସନ୍ତା ୨୭ ତାରିଖ ସୋମବାର ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଶିବିରରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଓ ଆରକ୍ଷୀ ଅଧୀକ୍ଷକ ରାହୁଲ୍ ପିଆର୍‌ଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିବା ସହିତ ସମାଧାନ ପାଇଁ ଉଦ୍ୟମ କରିବେ। କରୋନା ଯୋଗୁ ୨ ବର୍ଷ ହେଲା ଜନଶୁଣାଣି ଶିବିର ବନ୍ଦ ଥିଲା। ଚଳିତ ବର୍ଷ ପ୍ରଥମଥର ଶିବିର ଅନୁଷ୍ଠିତ ହେଉଥିବାରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଧର୍ମଶାଳା ଥାନା ଅଧିକାରୀଙ୍କୁ ଅନୁରୋଧ କରାଯାଇଛି। ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଏ ସମ୍ପର୍କରେ ଅବଗତ କରିବା ପାଇଁ ବ୍ଲକର ସମସ୍ତ ଜିଲା ପରିଷଦ ସଭ୍ୟାସଭ୍ୟ, ସରପଞ୍ଚ ଓ ସମିତି ସଭ୍ୟାସଭ୍ୟାଙ୍କୁ ଅନୁରୋଧ କରାଯାଇଛି ବୋଲି ବିଡିଓ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି।

## କାଇଞ୍ଚ ହସ୍ତଶିଳ୍ପ କର୍ମଶାଳା ବୁଲିଲେ ୪୦ରୁ ଊର୍ଦ୍ଧ୍ୱ ବ୍ଲକ ଅଧ୍ୟକ୍ଷାଅଧ୍ୟକ୍ଷ


କାଇଞ୍ଚ ହସ୍ତଶିଳ୍ପ କର୍ମଶାଳା ଦେଖିବାକୁ ଆସିଥିବା ବ୍ଲକ ଅଧ୍ୟକ୍ଷାଅଧ୍ୟକ୍ଷମାନେ।

**ଛତିଆ,୨୪।୬(ଡି.ଏନ.ଏ.)**

ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ଚମ୍ପାପୁର ପଞ୍ଚାୟତ ଚମ୍ପାପୁର ଗ୍ରାମର କାଇଞ୍ଚ ହସ୍ତଶିଳ୍ପ କର୍ମଶାଳାକୁ ଗଜପତି, ବୌଦ୍ଧ, ଗଞ୍ଜାମ ଓ କନ୍ଧମାଳ ଆଦି ୪ ଜିଲାର ୪୦ ଊର୍ଦ୍ଧ୍ୱ ବ୍ଲକ ଅଧ୍ୟକ୍ଷା ଓ ଅଧ୍ୟକ୍ଷ ବୁଲି ଦେଖିଛନ୍ତି। ସ୍ଥାନୀୟ ମିଶନ ଶକ୍ତି ମହିଳାମାନେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ମହାଦେବ ପ୍ରଡ୍ୟୁସର ଗ୍ରୁପ୍ ନାମରେ ଏଠାରେ ଥିବା ମହିଳା ସ୍ୱୟଂସହାୟକ ଗୋଷ୍ଠୀର ୪୦ରୁ ଊର୍ଦ୍ଧ୍ୱ ମହିଳାଙ୍କ ଦ୍ୱାରା କାଇଞ୍ଚ ନିର୍ମିତ ବିଭିନ୍ନ ସାମଗ୍ରୀକୁ ସେମାନେ ଦେଖି ଖୁସିବ୍ୟକ୍ତ କରିଛନ୍ତି। ଅନେକ ସଦସ୍ୟ ବହୁ ଘରକରଣା ସାମଗ୍ରୀ କିଣି ନେଇଛନ୍ତି। ଏହି ଅବସରରେ ସାମାଜିକ କର୍ମୀ ଦିଲୀପ ରାଉତଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବଡ଼ଚଣା ବ୍ଲକ୍ ଅଧ୍ୟକ୍ଷା ମିନତି ସେନାପତି, ବିଡିଓ ଅଜିତ ନାରାୟଣ ପ୍ରସାଦ ଗିରି, ଯାଜପୁର ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲା ପରିଷଦ ସଭ୍ୟ ଯତୀନ୍ଦ୍ର ନାୟକ, ସସ୍ମିତା ମହାନ୍ତି, ଅରବିନ୍ଦ ସାମଲ, ବିଧାୟକଙ୍କ ପ୍ରତିନିଧି ନିରଞ୍ଜନ ସେନାପତି, ଚମ୍ପାପୁର ସରପଞ୍ଚ ସୁଲୋଚନା ପ୍ରଧାନ, ସମିତିସଭ୍ୟ ସତ୍ୟବ୍ରତ ବିଶ୍ୱାଳ, ପ୍ରାକ୍ତନ ସରପଞ୍ଚ ବାସୁଦେବ ସ୍ୱାଇଁ, କୈଳାସ ରାଉତ, ଦୀପକ ସାହୁ, ସଞ୍ଜୟ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଗ୍ରୁପ ସଭାପତି ତଥା କାଇଞ୍ଚ ହସ୍ତଶିଳ୍ପୀ ଦୀପ୍ତିରାଣୀ ବେହେରାଙ୍କ ନେତୃତ୍ୱରେ ସଦସ୍ୟମାନେ ନିଜ ହାତରେ କାଇଞ୍ଚରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ତିଆରି କରି ଯାଜପୁର ଜିଲା ସମେତ ସାରା ରାଜ୍ୟରେ ନିଜର ସ୍ୱତନ୍ତ୍ରତା ବଜାୟ ରଖି ପାରିଛନ୍ତି। ଉକ୍ତ ପରିଦର୍ଶନରେ ଗଜପତି ଜିଲାର ମୋହନା, ରାୟଗଡ଼, ଗୁମ୍ମା, କାଶୀନଗର, ଗୋସାଣୀ, ଗଞ୍ଜାମ ଜିଲାର କବିସୂର୍ଯ୍ୟନଗର, ଆସ୍କା, ଖଲ୍ଲିକୋଟ, ପୁରୁଷୋତ୍ତମପୁର, ବୁଗୁଡ଼ା, ବେଲଗୁଣ୍ଠା, ଗଞ୍ଜାମ, ଶେରଗଡ଼, ସାନଖେମୁଣ୍ଡି, ଜଗନ୍ନାଥପ୍ରସାଦ, ବୌଦ୍ଧ ଜିଲାର ବୌଦ୍ଧ ସଦର, କଣ୍ଟାମାଳ ଓ କନ୍ଧମାଳ ଜିଲାର ରାଇକିଆ, ଦାରିଙ୍ଗବାଡ଼ି, ଜି.ଉଦୟଗିରି, ବାଲିଗୁଡା, କେ. ନୂଆଗାଁ, ଖଜୁରିପଡ଼ା ଓ ଟିକାବାଲି ଆଦି ବ୍ଲକର ଅଧ୍ୟକ୍ଷାଅଧ୍ୟକ୍ଷ ଏହି ପରିଦର୍ଶନରେ ସାମିଲ ହୋଇଥିଲେ।

### ସୁସ୍ଥ ହେଲେ ମହାପ୍ରଭୁ

**ପୁରୀ ଅଫିସ, ୨୪।୬**

ଶୁକ୍ରବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଖଳିଲାଗି ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁ ଶ୍ରୀଅଙ୍ଗରେ ଖଳି ଲାଗି ହୋଇଛନ୍ତି। ସେହିପରି ରାଜବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ହୋଇ ଦଶମୀ ତିଥିରେ ଶ୍ରୀମନ୍ଦିରକୁ ଆସିଥିବା ଦଶମୂଳ ମୋଦକ ମଧ୍ୟ ମହାପ୍ରଭୁଙ୍କୁ ଅର୍ପଣ କରାଯାଇଛି। ମହାପ୍ରଭୁ ସୁସ୍ଥ ଅନୁଭବ କରିଥିବାରୁ ତାଙ୍କୁ ତୁଳସୀ ଓ ବାରଲାଗି ଖଣ୍ଡୁଆ ଲାଗି କରାଯାଇଛି। ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନବେଦୀରେ ଶ୍ରୀବିଗ୍ରହମାନେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇଛନ୍ତି। ଦଇତାପତି ଓ ପତିମହାପାତ୍ର ତାଙ୍କର ଗୁପ୍ତସେବା କରୁଛନ୍ତି।

### ଟାଟା ଷ୍ଟିଲ ମେଡ଼ିକା ହସ୍ପିଟାଲରେ କହୁଣି ପ୍ରତ୍ୟାରୋପଣ



**କଳିଙ୍ଗନଗର,୨୪।୬(ଡି.ଏନ.ଏ.)**

ଯାଜପୁର ଜିଲା ଡୁବୁରୀସ୍ଥିତ ଟାଟା ଷ୍ଟିଲ ମେଡ଼ିକା ହସ୍ପିଟାଲ ପକ୍ଷରୁ ସମ୍ପୂର୍ଣ୍ଣ କହୁଣି ପ୍ରତ୍ୟାରୋପଣର ଅସ୍ତ୍ରୋପଚାର ହୋଇଛି। ଏହା ଏକ ବିରଳ ସଫଳତା ବୋଲି ଟାଟା ଷ୍ଟିଲ ପକ୍ଷରୁ ସୂଚନା ଦିଆଯାଇଛି। ଯାଜପୁରର ଗୋବରଘାଟି ଠାରେ ଅବସ୍ଥିତ ବିଶ୍ରାମୁଣ୍ଡା କଲୋନୀରେ ରହୁଥିବା ଚନ୍ଦ୍ରମୋହନ ଟିଉଙ୍କ ୩ ମାସ ପୂର୍ବରୁ କହୁଣିରେ ଫ୍ୟାକ୍ଚର ହୋଇଥିଲା। ଅସ୍ତ୍ରୋପଚାର ଭୟରେ ସେ ସ୍ଥାନୀୟ ବଇଦ ନିକଟକୁ ଚିକିତ୍ସା ପାଇଁ ଯିବା ଫଳରେ ତାଙ୍କ ଯନ୍ତ୍ରଣା ବଢ଼ିବା ସହିତ କହୁଣି ହଲାଇବା କଷ୍ଟକର ହୋଇଥିଲା। ଏପରିକି ସେ ନିଜ ହାତରେ ଖାଇବା ମଧ୍ୟ ସମ୍ଭବପର ହେଉ ନ ଥିଲା। ଏହାପରେ ସେ ଟାଟା ଷ୍ଟିଲ ମେଡ଼ିକା ହସ୍ପିଟାଲକୁ ଆସିଥିଲେ। ହସ୍ପିଟାଲର ଅସ୍ଥିଶଲ୍ୟ ବିଭାଗର ଜଏଣ୍ଟ ରିପ୍ଲେସ୍‌ମେଣ୍ଟ ବିଶେଷଜ୍ଞ ଡା. ସୁଧାଂଶୁ ଶେଖର ଦାସ ସମ୍ପୂର୍ଣ୍ଣ କହୁଣୀ ପ୍ରତ୍ୟାରୋପଣ ଅସ୍ତ୍ରୋପଚାର ବିଷୟରେ ରୋଗୀଙ୍କୁ ପରାମର୍ଶ ଦେଇଥିଲେ। ୩ ଘଣ୍ଟାର ଅସ୍ତ୍ରୋପଚାର ପରେ କହୁଣିକୁ ପ୍ରତ୍ୟାରୋପଣ କରାଯାଇଥିଲା । ମାତ୍ର ୨ ଦିନରେ ଆରୋଗ୍ୟ ଲାଭ କରିବା ପରେ ରୋଗୀ ନିଜ ହାତକୁ ପୁନର୍ବାର ବ୍ୟବହାର କରିପାରିଥିଲେ।

## ବାଲିଘାଟରୁ ୮ ହାଇୱା, ପ୍ରୋକ୍ଲିନ ଜବତ



**ଧର୍ମଶାଳା/ବ୍ରହ୍ମବରଦା (ଡି.ଏନ.ଏ),୨୪।୬**

ଯାଜପୁର ଜିଲା ଧର୍ମଶାଳା ତହସିଲର ବାଙ୍କସାହି ରାଜସ୍ୱ ସର୍କଲ ଅନ୍ତର୍ଗତ ମଙ୍ଗଳପୁର ମୌଜାର ବ୍ରାହ୍ମଣୀ ନଦୀପଠାରେ ଚାଲିଥିବା ବେଆଇନ ବାଲିଘାଟରୁ ଶୁକ୍ରବାର ୮ ହାଇୱା ଓ ଗୋଟିଏ ନମ୍ବର ବିହୀନ ପ୍ରୋକ୍ଲିନ ମେଶିନ ଜବତ ହୋଇଛି। ସୂଚନାଯୋଗ୍ୟ ଯେ, ଏହି ବେଆଇନ ବାଲିଘାଟକୁ ବିରୋଧକରି କୋଠିହ ଗ୍ରାମବାସୀ ଗତ ୯ ତାରିଖରେ ରାଜସ୍ୱ ନିରୀକ୍ଷକ ରାମେଶ୍ୱରୀ ଜେନା ଓ ଧର୍ମଶାଳା ତହସିଲଦାର ସ୍ୱାଗତ ଦାଶଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହି ଅଭିଯୋଗକୁ ଆଧାରକରି ଧର୍ମଶାଳା ତହସିଲଦାର ଦାଶ ତାଙ୍କ ପତ୍ର ସଂଖ୍ୟା ୨୪୩୧/୧୦।୬।୨୦୨୨ରେ ଧର୍ମଶାଳା ଥାନାକୁ ଜଣାଇଥିଲେ। ଶୁକ୍ରବାର ଧର୍ମଶାଳା ତହସିଲଦାର ଦାଶଙ୍କ ସମେତ ରାଜସ୍ୱ ନିରୀକ୍ଷକ ଜେନା, ବ୍ରହ୍ମବରଦା ଫାଣ୍ଡି ଅଧିକାରୀ, ଧର୍ମଶାଳା ଥାନା ଅଧିକାରୀ ମିଳିତ ଭାବେ ଉକ୍ତ ବେଆଇନ ବାଲିଘାଟ ଉପରେ ଚଢାଉ କରିଥିଲେ। ଚଢାଉ ସମୟରେ ୮ଟି ହାଇୱା ଗାଡ଼ି ସହିତ ଗୋଟିଏ ନମ୍ବର ବିହିନ ପ୍ରୋକ୍ଲିନ୍ ବେଆଇନ ବାଲି ଉତ୍ତୋଳନରେ ନିୟୋଜିତ ଥିଲେ। ମିଳିତ ଟିମ୍ ପକ୍ଷରୁ ସେଗୁଡ଼ିକୁ ଜବତ କରାଯାଇ ବ୍ରହ୍ମବରଦା ଫାଣ୍ଡିକୁ ଅଣାଯାଇଥିଲା।

## ଟାଟା ଷ୍ଟିଲ୍ ମାଇନିଂ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅତିଥି।

**କାଳିଆପାଣି,୨୪।୬(ଡି.ଏନ.ଏ.)**

ଟାଟା ଷ୍ଟିଲ୍ ମାଇନିଂ ପକ୍ଷରୁ ସୁକିନ୍ଦା କ୍ରୋମାଇଟ ଖଣି କଲୋନୀ ପରିସର କାଟେପୂର୍ତ୍ତି ଅଡିଟୋରିୟମଠାରେ ଛାତ୍ରୀଛାତ୍ରଙ୍କ ଯୌନ ଉତ୍ପୀଡ଼ନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିଲାମାନଙ୍କୁ କୋଣସି ପରିଚିତ ଓ ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା କରାଯାଉଥିବା ଭଲ ସ୍ପର୍ଶ ଓ ଖରାପ ସ୍ପର୍ଶ ମଧ୍ୟରେ ଥିବା ପାର୍ଥକ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରାଯାଇଥିଲା। ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପିଲାମାନଙ୍କ ବୟସ ବଢ଼ିବା ସହ ଭାବନାତ୍ମକ, ସାମାଜିକ ଓ ଶାରୀରିକ ବିକାଶ ସେମାନଙ୍କୁ ପରିଚିତ ଏବଂ ଅପରିଚିତ ବ୍ୟକ୍ତିଙ୍କ ଅନୁପଯୁକ୍ତ ସ୍ପର୍ଶ ଦ୍ୱାରା ପ୍ରଭାବିତ ହେବା ସମ୍ଭାବନା ରହିଛି। ତେଣୁ ନିଜ ସୁରକ୍ଷା ଉପରେ ପିଲାମାନଙ୍କ ଭାବନା ଶକ୍ତି ବୃଦ୍ଧିକରି ସୁରକ୍ଷିତ ରଖିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ବଚ୍‌ପନ ବଚାଓ ଆନ୍ଦୋଳନର ସଦସ୍ୟ ବିକାଶ ଦୋଦ୍ର ଯକା ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମକୁ କମ୍ପାନୀର ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀ ଓ ସହ ପ୍ରଶାସନିକ ଅଧିକାରୀ ସଞ୍ଜୀବ ସାହୁ ପରିଚାଳନା କରିଥିଲେ।

## ୪ ସମବାୟ ସମିତି ସଭାପତି ପଦ ପାଇଁ ନାମାଙ୍କନ ଦାଖଲ


ବରୀ-ବାଗ୍‌ଦା ସଭାପତି ପଦବୀ ପାଇଁ ସୁଶାନ୍ତ ମଲ୍ଲିକ ନାମାଙ୍କନ ଦାଖଲ କରୁଛନ୍ତି।

**ବରୀ,୨୪।୬(ଡି.ଏନ.ଏ.)**

ବରୀ ବ୍ଲକ ଅଧୀନ ୧୩ଟି ସମବାୟ ସମିତି ମଧ୍ୟରୁ ଶୁକ୍ରବାର ବରୀ-ବାଗ୍‌ଦା, ରଜାପୁର, ପଘିରା ଓ ଗମ୍ଭୁଁ ମିତ୍ର ସମବାୟ ସମିତିର ସଭାପତି ପଦବୀ ନିମନ୍ତେ ନାମାଙ୍କନପତ୍ର ଦାଖଲ କରାଯାଇଛି। ବରୀ-ବାଗ୍‌ଦା ସଭାପତି ପଦବୀ ପାଇଁ ସୁଶାନ୍ତ କୁମାର ମଲ୍ଲିକ, ପଘିରା ସଭାପତି ପଦବୀ ପାଇଁ ବିଜୟ କିଶୋର ସାହାଣୀ, ରଜାପୁର ସଭାପତି ପଦବୀ ପାଇଁ ସୁଧନ୍ୟା ଜେନା ନାମାଙ୍କନପତ୍ର ଦାଖଲ କରିଛନ୍ତି। ତେବେ ଏଠାରୁ ଜଣେ ଲେଖାଏ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବାରୁ ପ୍ରତିଦ୍ୱନ୍ଦ୍ୱିତା ହେବ ନାହିଁ ବୋଲି ସୂଚନା ମିଳିଛି। ଅପରପକ୍ଷରେ ଗମ୍ଭୁଁ ମିତ୍ର ସମବାୟ ସମିତି ସଭାପତି ପଦବୀ ପାଇଁ ଗୋଦାବରୀ ଜେନା ଓ କେଦାର ଚନ୍ଦ୍ର ନାୟକ ନାମାଙ୍କନପତ୍ର ଦାଖଲ କରିଥିବାରୁ ଏହି ସମିତିରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଫଳରେ ଏହାକୁ ନେଇ ଏଠାରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ତେବେ ବରୀ-ବାଗ୍‌ଦା ସମବାୟ ସମିତି ସଭାପତିଙ୍କ ବିଜୟ ହେଲେ ବିଭିନ୍ନ ରାଜନୈତିକ ଦଳର ନେତାଙ୍କୁ ଶକ୍ତ ଝଟ୍‌କା ଲାଗିବ ବୋଲି ସାଧାରଣରେ ଆଲୋଚନା ହେଉଛି।

## ସଡ଼ମ୍ବାରୁ ଚୋରି ବୋଲେରୋ ଗଁଦିଆରୁ ଜବତ

**ରସୁଲପୁର,୨୪।୬(ଡି.ଏନ.ଏ.)**




କୁଆଖିଆ ଥାନା ପ୍ରଥମାଖଣ୍ଡି ପଞ୍ଚାୟତର ସଡ଼ମ୍ବା ଗ୍ରାମରୁ ଗୁରୁବାର ରାତିରେ କାର୍ତ୍ତିକ ସାହୁଙ୍କ ବୋଲେରୋ ନଂ.ଓଆର୍-୦୨-ବିବି-୮୩୮୪ ଚୋରି ହୋଇଥିବାବେଳେ ଶୁକ୍ରବାର ସକାଳେ ତାହା ଢେଙ୍କାନାଳ ଜିଲାର ଗଁଦିଆ ଥାନା ଅଞ୍ଚଳରୁ ଜବତ କରାଯାଇଛି। ଏଥିସହ ଦୁର୍ବୃତ୍ତ ଛାଡ଼ି ଯାଇଥିବା ଏକ ବାଇକ୍‌କୁ କୁଆଖିଆ ପୋଲିସ ବୋଲେରୋ ମାଲିକଙ୍କ ଘର ନିକଟରୁ ଜବତ କରିଛି। ଏନେଇ ଥାନାରେ ଏକ ମାମଲା ନଂ.୨୦୯/୨୨ ରୁଜୁ ହୋଇଛି। ଥାନା ଅଧିକାରୀ ଶିବଚରଣ ବେହେରା ମାମଲାର ତଦନ୍ତ କରୁଛନ୍ତି।

୨ ଦୁର୍ବୃତ୍ତ ବାଇକ୍‌ରେ ଆସି ମାଲିକଙ୍କ ଘର ସମ୍ମୁଖରେ ଥିବା ବୋଲେରୋକୁ ନେଇ ପଳାଇଥିଲେ। ତେବେ ଗଁଦିଆ ଥାନା ଅଞ୍ଚଳରେ ତେଲ ସରିଯିବାରୁ ସେମାନେ ଗାଡ଼ି ରାସ୍ତା କଡ଼ରେ ରଖି ପଳାଇଥିଲେ। ସନ୍ଦେହଜନକ ଭାବେ ବୋଲେରୋଟି ନିଛାଟିଆ ସ୍ଥାନରେ ଥୁଆ ହୋଇଥିବା ଦେଖି ଗଁଦିଆ ପୋଲିସ ଯାଞ୍ଚ କରିଥିଲା। ତେବେ ଉକ୍ତ ଗାଡିରେ କେହି ନ ଥିବା ଜାଣି ପୋଲିସ ଗାଡ଼ି ମାଲିକଙ୍କୁ ଫୋନ୍‌ରେ ଯୋଗାଯୋଗ କରିଥିଲା। ଗାଡି ମାଲିକ ବାହାରକୁ ଉଠି ଦେଖିଲା ବେଳକୁ ତାଙ୍କ ଗାଡିଟି ଚୋରି ହୋଇଥିବା ସମ୍ପର୍କରେ ଜାଣିବାକୁ ପାଇଥିଲେ। ତେଣୁ ସେ ପୋଲିସ ସୂଚନା ମୁତାବକ ଘଟଣାସ୍ଥଳରେ ପହଞ୍ଚି ବୋଲେରୋକୁ ଆଣି କୁଆଖିଆ ଥାନା ଜିମା ଦେଇଥିଲେ। ଏନେଇ ଗାଡି ମାଲିକଙ୍କ ପୁଅ ରବୀନ୍ଦ୍ର ସାହୁ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ବୋଲେରୋ ଓ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି।

## ଆଙ୍କୁଲା ଗ୍ରାମ ସୁରକ୍ଷା ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

**ଯାଜପୁର ଟାଉନ,୨୪।୬(ଡି.ଏନ.ଏ.)**


ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।

ଆଙ୍କୁଲା ଗ୍ରାମ ସୁରକ୍ଷା ମଞ୍ଚ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କୁ ୬ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ଅନୁଯାୟୀ, ଯାଜପୁର ପଣସା ପଞ୍ଚାୟତ ଅନ୍ତର୍ଗତ ଆଙ୍କୁଲା ଗ୍ରାମର କେଉଁ ଜମି ସରକାର କ'ଣ ପାଇଁ ଅଧିଗ୍ରହଣ କରିବେ ତା'ର ସବିଶେଷ ତଥ୍ୟ ପ୍ରଦାନ କରିବା, ୧୦ବର୍ଷ ମଧ୍ୟରେ ଆଙ୍କୁଲା ମୌଜାର ବିକ୍ରି, ଖରିଦି ପରିସଂଖ୍ୟାନକୁ ଆଧାର କରି ଜମିର ମୂଲ୍ୟ ନିର୍ଦ୍ଧାରଣ, ପଲ୍ଲୀସଭା ମାଧ୍ୟମରେ ଜମି ଅଧିଗ୍ରହଣ କରିବା, ଆଙ୍କୁଲା ଗ୍ରାମକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ଘେରିବନ୍ଧ ନିର୍ମାଣ କରିବା, ଗ୍ରାମ ମଧ୍ୟ ଦେଇ ଯାଇଥିବା ସଡ଼କରେ ଭାରିଯାନ ଚଳାଚଳ ବନ୍ଦ କରିବା, କୃଷି କାର୍ଯ୍ୟର ଉନ୍ନତି ନିମନ୍ତେ ଆଙ୍କୁଲା ପାଟରେ ଥିବା ସାନ ଭିମେଇ ନାଳର ସଫେଇ କରିବା ଓ ସରକାରଙ୍କ ନିୟମ ଅନୁଯାୟୀ ୧୯୬୫ ଓ ୧୯୬୯ ମସିହାରେ ଜଳସେଚନ ବିଭାଗ ଦ୍ୱାରା ଗ୍ରାମବାସୀଙ୍କ ଅଧିଗୃହିତ ଜମିକୁ ନିର୍ଦ୍ଧାରିତ କାମରେ ଲାଗି ନ ଥିବାରୁ ମୂଳ ମାଲିକାନାକୁ ଫେରସ୍ତ କରିବା ଆଦି ଦାବି ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଆଙ୍କୁଲା ଗ୍ରାମ ସୁରକ୍ଷା ମଞ୍ଚ ପକ୍ଷରୁ ଦିଗମ୍ବର କର, ତରୁଣ ନନ୍ଦ, ପ୍ରଫୁଲ୍ଲ ନନ୍ଦ, ବାସୁଦେବ ମିଶ୍ର, ସୁଦୀପ୍ତ ପଣ୍ଡାଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ତେବେ ଆଗାମୀ ୧୫ ଦିନ ମଧ୍ୟରେ ଉପରୋକ୍ତ ଦାବିଗୁଡ଼ିକୁ ସମାଧାନ କରା ନ ଗଲେ ମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୫ ଜୁନ୍, ୨୦୨୨



## ସଂକ୍ଷେପରେ

### ସିପିଏମ୍ ପକ୍ଷରୁ ସାଧାରଣ ସଭା

**ଦଶପଲ୍ଲା,୨୪।୬ (ଡି.ଏନ.ଏ.):** ଶୁକ୍ରବାର ସ୍ଥାନୀୟ ଇଲେଭେନଷ୍ଟାର କ୍ଲବ୍‌ଠାରେ ସିପିଏମ୍ ଦଶପଲ୍ଲା ଆଞ୍ଚଳିକ କମିଟିର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ନିକଟର କେରଳରେ ଅନୁଷ୍ଠିତ ହୋଇବା ପାର୍ଟିର ସର୍ବଭାରତୀୟ ସମ୍ମିଳନୀ ତଥା ପାର୍ଟି କଂଗ୍ରେସରେ ଗୃହୀତ ହୋଇଥିବା ରାଜନୈତିକ ଓ ସାଙ୍ଗଠନିକ ପ୍ରସ୍ତାବକୁ କର୍ମୀମାନଙ୍କୁ ଅବଗତ କରାଯିବା ସହିତ ଆଗାମୀଦିନର କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା । ଏହି ସଭାରେ ପାର୍ଟିର ଜିଲା ସମ୍ପାଦକ ଶରତ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ରାଜ୍ୟ ସମ୍ପାଦକ ମଣ୍ଡଳୀର ସଦସ୍ୟ ସୁରେଶ ପାଣିଗ୍ରାହୀ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ମଣ୍ଡଳୀର ଅନ୍ୟତମ ସଦସ୍ୟ ହରିଶ୍ଚନ୍ଦ୍ର ମିଶ୍ର, ଜିଲା କମିଟି ସଭ୍ୟ ଗଣେଶ୍ୱର ନାୟକ, ଲୋକାଲ କମିଟି ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

### ଘର କାନ୍ଥରେ ପିଟି ହେଲା କାର

**ବ୍ରହ୍ମପୁର ଅଫିସ,୨୪।୬:** ଆଙ୍କୁଲି ଦେଇ ଯାଇଥିବା ଏକ କାର ହଠାତ୍ ଏକ ଘର କାନ୍ଥରେ ପିଟି ହୋଇ ଭାଙ୍ଗିରୁଜି ଯାଇଛି। ଗୁରୁବାର ରାତି ପ୍ରାୟ ସାଢ଼େ ୧୦ଟାରେ ଏହି ଦୁର୍ଘଟଣା ଘଟିଥିବା ବେଳେ କାର୍ ଚାଳକ ସମାନ୍ୟ ଆହତ ହୋଇଛନ୍ତି। ଖବରପାଇ ଟ୍ରାଫିକ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। କ୍ରେନ ସାହାଯ୍ୟରେ ଉକ୍ତ କାର୍ (ଓଡି୧୭ଏଏ୦୮୮୮)କୁ ବାହାର କରିବା ପରେ ପୋଲିସ ଜବତ କରିଛି। ବେପରୁଆ ଗାଡ଼ି ଚାଳନା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିଲା ବୋଲି ଟ୍ରାଫିକ ଥାନା ପୋଲିସ କହିଛି।

### କଳାକାରଙ୍କ ପରଲୋକ



**ଖଣ୍ଡପଡ଼ା,୨୪।୬(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମର କଳାକାର ଯୁଧିଷ୍ଠିର ସ୍ୱାଇଁ(୮୪)ଙ୍କ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ଯୁଧିଷ୍ଠିର ଏକାଧାରରେ ଜଣେ ସଂକୀର୍ତ୍ତନ ଗାୟକ, ମାତୃ ମଣ୍ଡଳୀର ପ୍ରତିଷ୍ଠାତା, ନାଟ୍ୟ ନିର୍ଦ୍ଦେଶକ, ନାଟ୍ୟକାର, ସଙ୍ଗୀତକାର ସମେତ ଜଣେ ଆଗଧାଡ଼ିର କଳାକାର ଭାବେ ସିଧାମୂଳା ଓ ତାର ଆଖପାଖ ଅଞ୍ଚଳରେ ପରିଚିତ ଥିଲେ । ଏହି ଖବର ଜଣାପଡିବା ପରେ ମା'ଦକ୍ଷିଣକାଳୀ ନାଟ୍ୟ ସଂସଦ କଳାକାର ବୃନ୍ଦ, ଅନୁଷ୍ଠାର ମ୍ୟାନେଜର ସୁଦର୍ଶନ ମନ୍ତ୍ରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ତାଙ୍କର ମର ଶରୀରରକୁ ଗ୍ରାମ ପରିକ୍ରମା କରାଯାଇ ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ପୁଅ ଅର୍ଜୁନ ମୁଖାଗ୍ନି ଦେଇଥିଲେ ।

# ୨୪ଲକ୍ଷ ଟଙ୍କା ଫେରାଇବାକୁ ନିର୍ଦ୍ଦେଶ

**ଭାପୁର,୨୪।୬ (ଡି.ଏନ.ଏ.)**

■ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ଜିଲା ପ୍ରଶାସନର କଡ଼ା କାର୍ଯ୍ୟାନୁଷ୍ଠାନ

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ କୂଅ, ପୋଖରୀ ଖୋଳା ଯାଇନାହିଁ କି ରାସ୍ତା କାମ ହୋଇନାହିଁ । ହେଲେ ମିଥ୍ୟା ବିଲ୍ କରାଯାଇ ସରକାରଙ୍କ ଟଙ୍କା ଆତ୍ମସାତ୍ କରାଯାଇଥିଲା। ବିଳମ୍ବରେ ହେଲେ ମଧ୍ୟ ଜିଲା ପ୍ରଶାସନ ଏହି ଦୁର୍ନୀତିରେ ଜଡିତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଏ ବାବଦରେ ଜିଲା ପ୍ରଶାସନ ପକ୍ଷରୁ ଚିଠି ନଂ.୧୭୮୫/୧୮।୬।୨୨ରେ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀମାନେ ୨୪ ଲକ୍ଷ ଟଙ୍କା ଫେରାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଅନୁଯାୟୀ, ଭାପୁର ପଞ୍ଚାୟତ ଅଧୀନ ଖଇରଗାଡିଆ ଗ୍ରାମରେ ୨ଟି ପୋଖରୀ ଓ ଗୋଟିଏ ରାସ୍ତା ନିର୍ମାଣ କରା ନ ଯାଇ ମିଥ୍ୟା ବିଲ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ୬ ସରକାରୀ କର୍ମଚାରୀଙ୍କଠାରୁ ୨୪ଲକ୍ଷ ଟଙ୍କା ଆଦାୟ



ଜିଲା ପରିଷଦର ଚିଠି ।

ନିମନ୍ତେ ନିର୍ଦ୍ଦେଶ ଦେଇଛି ଜିଲା ପ୍ରଶାସନ। ମିଥ୍ୟା ବିଲ ହୋଇଥିବା ଅଭିଯୋଗ ହେବା ପରେ ଜିଲା ପ୍ରଶାସନ ତଦନ୍ତ କରିଥିଲା । ଏଥିରେ ପୂର୍ବତନ ଭାପୁର ବିଡିଓ ତଥା ବର୍ତ୍ତମାନ ମୟୂରଭଞ୍ଜ ଡେପୁଟି କଲେକ୍ଟର ସତ୍ୟସୁନ୍ଦର ରାଉତ, ପୂର୍ବତନ ସହକାରୀ ନିର୍ବାହୀ ଯନ୍ତ୍ରୀ ବୈଷ୍ଣବ ପ୍ରସାଦ ରଥ, ସହକାରୀ ଯନ୍ତ୍ରୀ ବୃନ୍ଦାବନ ବରିହା, କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ସେଠୀ, କନିଷ୍ଠ ଯନ୍ତ୍ରୀ ଅର୍ଦ୍ଧେନ୍ଦୁ ଷଡଙ୍ଗୀ ଏବଂ ଉକ୍ତ ପଞ୍ଚାୟତର ଜିଆରଏସ୍ ଜିତେନ୍ଦ୍ର କୁମାର ଚୌଧୁରୀ ଏହି ଦୁର୍ନୀତିରେ ଜଡିତ ଥିବା ଜଣାପଡିବା ପରେ ସେମାନଙ୍କୁ ଟଙ୍କା ଫେରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଖଇରଗାଡିଆ ଗ୍ରାମର ପାଣିଚୁଆ ପୋଖରୀ, ନିମଚୁଆ ପୋଖରୀ ଏବଂ ଖଇରଗାଡିଆଠାରୁ ମନ୍ଦାରବେରେଣୀ ରାସ୍ତା ନିମନ୍ତେ ଯଥାକ୍ରମେ ପ୍ରାୟ ୭ଲକ୍ଷ ୯୮ହଜାର, ପ୍ରାୟ ୭ ଲକ୍ଷ ୯୬ ହଜାର ଏବଂ ୭ଲକ୍ଷ ୭୯ହଜାର ଟଙ୍କା ସରକାରୀ ଅର୍ଥ ଆତ୍ମସାତ ହୋଇଥିଲା। ସରକାରୀ ନିୟମକୁ ଉଲ୍ଲଂଘନ କରି ସମ୍ପୃକ୍ତ କର୍ମଚାରୀ ଓ ଅଧିକାରୀମାନେ ଏହି ଜନକଲ୍ୟାଣ ଯୋଜନା ବାଦବରେ ଆସିଥିବା ଅର୍ଥକୁ ଚଳୁ କରିଥିଲେ । ଉଲ୍ଲେଖଯୋଗ୍ୟ,୨୦୨୦-୨୧ ଆର୍ଥିକ ବର୍ଷରେ ପାଣି ଚୁଆ କାର୍ଯ୍ୟାଦେଶ ନମ୍ବର ୨୪୨୨୦୧୦/ଡବ୍ଲ୍ୟୁଏଚ/୧୦୨୯୩୧୭୫ରେ ପ୍ରାୟ ୮ଲକ୍ଷ ଓ ନିମ ଚୁଆ ପୋଖରୀ କାର୍ଯ୍ୟାଦେଶ ୨୪୨୨୦୧୦/ ଡବ୍ଲ୍ୟୁଏଚ/ ୧୦୨୯୩୧୭୮ରେ ପ୍ରାୟ ୮ ଲକ୍ଷ ଓ ଖଇରିଗାଡିଆ ଠାରୁ ମନ୍ଦାରବେଣୀ ରାସ୍ତା କାର୍ଯ୍ୟାଦେଶ ନମ୍ବର ୨୪୨୨୦୧୦/ ଡବ୍ଲ୍ୟୁଏଚ/ ୩୧୦୫୨୪୫ରେ ପ୍ରାୟ ୮ ଲକ୍ଷ ଏପରି ମୋଟ ୨୪ ଲକ୍ଷ ଟଙ୍କା କାମ ନ କରି ଅର୍ଥ ଆତ୍ମସାତ ହୋଇଥିବା ନେଇ ସ୍ଥାନୀୟ ଗ୍ରାମବାସୀ ସୂଚନା ଅଧିକାର ଆଇନ ବଳରେ ଜାଣିବାକୁ ପାଇଥିଲେ । ଏ ନେଇ ଗତ ଡିସେମ୍ବର ୧୩ରେ ସେମାନେ ବିଧିବଦ୍ଧ ତଦନ୍ତ ଦାବିରେ ବ୍ଲକ ଅଫିସ ଘେରାଉ ସହ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଜିଲା ପ୍ରଶାସନ ଘଟଣାକୁ ଗୁରୁତ୍ୱ ସହକାରେ ନେଇ ତଦନ୍ତ କରିବା ନିମନ୍ତେ ଏକ ଟିମ ଗଠନ କରିବା ସହ ଡିଆରଡିଏ ନିର୍ବାହୀ ଯନ୍ତ୍ରୀ ନିରଞ୍ଜନ ରଣାଙ୍କୁ ଏହାର ଦାୟିତ୍ୱ ପ୍ରଦାନ କରିଥିଲେ ।

## ଯୋଗ ଅଲିମ୍ପିଆଡ୍‌ରେ କୃତିତ୍ୱ ପାଇଁ ସମ୍ବର୍ଦ୍ଧନା



ଜଗବନ୍ଧୁଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଉଛି ।

**ନୂଆଗାଁ,୨୪।୬ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଇଛେଳି ପଞ୍ଚାୟତ ସମ୍ପାଡା ଯୋଗ ଅନୁଷ୍ଠାନର ଜଗବନ୍ଧୁ ସାମନ୍ତରାଙ୍କୁ ଶୁକ୍ରବାର ସମ୍ପାଡା ହାଇସ୍କୁଲରେ ସମ୍ବର୍ଦ୍ଧିତ କରାଯାଇଛି। କୋଷାକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ର ଜଗବନ୍ଧୁ ଯୋଗ ଅଲିମ୍ପିଆଡରେ ଜାତୀୟସ୍ତରକୁ ମନୋନୀତ ହେବା ପରେ ଦିଲ୍ଲୀ ଏନ୍‌ସିଇଆର୍‌ଟିଠାରେ ଆୟୋଜିତ ଯୋଗ ଶିବିରରେ ଯୋଗ ଦେଇଥିଲେ । ସେଠାରେ କୃତିତ୍ୱ ହାସଲ କରି ସେ ଫେରିଛନ୍ତି। ଯୋଗ ଅନୁଷ୍ଠାନର ଶିକ୍ଷକ ପରମାନନ୍ଦ ପରିଡ଼ା ଜଗବନ୍ଧୁଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିବା ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଅନୁଷ୍ଠାନର ସଦସ୍ୟ ପ୍ରମୋଦ କୁମାର ଖଣ୍ଡୁଆଳ, ରଞ୍ଜିତା ଦେଈ, ଶ୍ରୀଧର ନାୟକଙ୍କ ସମେତ ସ୍କୁଲର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଜଗବନ୍ଧୁ ଦିଲ୍ଲୀ ରହଣି ସମୟର ଅନୁଭୂତି ବଖାଣି ଥିଲେ ।



କଂସା ପିତଳ ସହଯୋଗ ସମିତି ନିର୍ବାଚନରେ ଅଂଶ ଗ୍ରହଣ କରିବାକୁ ଆସିଥିବା ସଦସ୍ୟ ।

## କଂସା ପିତଳ ସହଯୋଗ ସମିତି ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ଖଣ୍ଡପଡ଼ା,୨୪।୬(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପାଣ୍ଡୁ ସାହୁ ପାଟଣା ବାପୁଜୀ ବାସନ ଶିଳ୍ପ ସହଯୋଗ ସମିତି ଲିଃର ନିର୍ବାଚନ ୨୨ରେ ଶେଷ ହୋଇଛି । ସମିତି ନିର୍ବାଚନରେ ଏକମାତ୍ର ପ୍ରାର୍ଥୀ ଭାବେ କୁଞ୍ଜବିହାରୀପୁର ପାଟଣା ଗ୍ରାମର ସମବାୟବିତ୍ ତଥା କଂସାପିତଳ କାରିଗର ଦଣ୍ଡପାଣି ସାହୁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ ।

ଫଳରେ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା କାର୍ଯ୍ୟାଳୟ ସୁତ୍ରରୁ ଜଣାପଡିଛି । ସାହୁ ୧୯୮୪ରେ ପ୍ରଥମେ ଏହି ସୋସାଇଟିର ସଭପତି ଭାବେ ନିର୍ବାଚିତ ହେବା ପରେ ବିଗତ ୩୮ ବର୍ଷ ହେଲା କ୍ରମାଗତ ଭାବେ ସଭାପତି ଭାବେ ନିର୍ବାଚିତ ହୋଇ ଆସୁଛନ୍ତି । ପୁନର୍ବାର ସେ ନିର୍ବାଚିତ ହେବା ପରେ ରାଜ୍ୟ ବୟନ, ହସ୍ତତନ୍ତ୍ର ଓ କୁଟୀର ଶିଳ୍ପ ମନ୍ତ୍ରୀ ରୀତା ସାହୁ ତାଙ୍କୁ ଅଭିନନ୍ଦନ ବାର୍ତ୍ତା ପଠାଇଛନ୍ତି। ସାହୁ କଂସାରୀ କାରିଗରମାନଙ୍କ ପାଇଁ କାରିଗରୀ ଭତ୍ତା ଓ ସେମାନଙ୍କ ବିଭିନ୍ନ ସମସ୍ୟାର ସମାଧନ ନିମନ୍ତେ ପ୍ରୟାସ ଜାରି ରଖିଛନ୍ତି।

## ରାସ୍ତାର ଦୁରବସ୍ଥା, ବିପଦରେ ପର୍ଯ୍ୟଟକ

**ଖଣ୍ଡପଡ଼ା,୨୪।୬(ସ୍ୱ.ପ୍ର.)**

ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ କଣ୍ଟିଲୋ ଶ୍ରୀନୀଳମାଧବ ପୀଠ ପରିଚିତ । ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ଶତାଧିକ ଯାତ୍ରୀ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଆସିଥାନ୍ତି । ହେଲେ ବିପର୍ଯ୍ୟସ୍ତ ରାସ୍ତାଘାଟ ଯୋଗୁ ସମସ୍ୟା ଲାଗି ରହିଛି । ପର୍ଯ୍ୟଟକମାନେ ବି ଏଥିପାଇଁ ଅସନ୍ତୋଷ ପ୍ରକାଶ କରୁଥିବା ଅଭିଯୋଗ ହୋଇଛି । ବିଶେଷ କରି ଶୁଳିଆ-କଣ୍ଟିଲୋକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତାର ମଧ୍ୟ ଭାଗ ଦକ୍ଷିଣ ଚଣ୍ଡୀ ମନ୍ଦିର ନିକଟ ଛକରେ ଖାଲ ଢ଼ିପ ଅବସ୍ଥାରେ ଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି ।

ବିଶେଷ କରି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଯୋଗାଯାଇଥିବା ପାଣି ପାଇପ ଲିକ୍ ଏବଂ ବର୍ଷାପାଣି ଜମାହୋଇ ରହିବା ଯୋଗୁ ଉକ୍ତ ରାସ୍ତା ବିପଦସଙ୍କୁଳ ହୋଇପଡିଛି। ସମ୍ପୃକ୍ତ ରାସ୍ତା ଦେଇ ଭରିଯାନ ଓ ହାଇୱାରେ ବାଲି ଚାଲାଣ ହେଉଥିବାରୁ ରାସ୍ତାର ଅବସ୍ଥା ଦୟନୀୟ ହୋଇପଡିଛି। ଏହି ରାସ୍ତା ଦେଇ ଶତାଧିକ ଛାତ୍ରୀଛାତ୍ର ସ୍କୁଲ, କଲେଜକୁ ଯାତାୟତ କରୁଥିବାରୁ ସେମାନଙ୍କୁ ମଧ ସମସ୍ୟାର ସମ୍ମୁଖିନ ହେବାକୁ ପଡୁଛି। ବାରମ୍ବାର ଦାବି ପରେ ବି ଏଥିପ୍ରତି ଗ୍ରାମ୍ୟ ଉନ୍ନୟନ ବିଭାଗ ଧ୍ୟାନ ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ବିଭଗୀୟ କର୍ତ୍ତୃପକ୍ଷ ଏଦିଗରେ ଧ୍ୟାନ ଦେବାକୁ ଦାବି ହେଉଛି ।

## ୬ ଆଇଆଇସିଙ୍କ ଅଦଳବଦଳ : ନିକଟରେ ପାଇଲେ ପଦୋନ୍ନତି

**ନୟାଗଡ଼ ଅଫିସ,୨୪।୬**

ଜିଲାର ୬ ପୋଲିସ ଅଫିସରଙ୍କ ବିଭିନ୍ନ ଥାନାକୁ ଶୁକ୍ରବାର ବଦଳି ହୋଇଛି । ଏନେଇ ନୟାଗଡ଼ ଏସପି ଅଲେଖ ଚନ୍ଦ୍ର ପହି ଆଇଆଇସିମାନଙ୍କ ବଦଳି ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ନିକଟରେ କେତେଜଣ ପୋଲିସ କର୍ମଚାରୀଙ୍କ ଆଇଆଇସି ପଦବୀକୁ ପଦୋନ୍ନତି ହୋଇଥିଲା । ପଦୋନ୍ନତି ପାଇଥିବା ଅଫିସର ମାନଙ୍କ ମଧ୍ୟରୁ କେତେଜଣ ଜିଲାରେ ଥିବାବେଳେ ଆଉ କେତେଜଣ ବାହାର ଜିଲାରୁ ଆସିଥିଲେ । ଖୋର୍ଦ୍ଧା ଜିଲା ବେଗୁନିଆ ଥାନାରୁ ଆସିଥିବା ମୁକେଶ କୁମାର ବେହେରାଙ୍କୁ ବାଣିଗୋଛା ଥାନାକୁ ବଦଳି କରାଯାଇଛି । ସେହିପରି ଇଟାମାଟି ଥାନାର ଭାରପ୍ରାପ୍ତ ଅଧିକାରୀ ରମେଶ ଚନ୍ଦ୍ର ବେହେରାଙ୍କୁ ଖଣ୍ଡପଡା ଥାନାକୁ ବଦଳି କରାଯାଇଛି। ନୟାଗଡ ଟାଉନ ଥାନାରେ କାର୍ଯ୍ୟରତ ସଞ୍ଜୟ କୁମାର ମଲ୍ଲିକଙ୍କୁ ବାଣିଗୋଛା ଥାନାକୁ ବଦଳି ହୋଇଛି । ଅନ୍ୟପକ୍ଷେ ଖଣ୍ଡପଡ଼ା ଥାନାର ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କୁ ଇଟାମାଟି ଥାନାକୁ ବଦଳି କରାଯାଇଥିବାବେଳେ ନୂଆଗାଁ ଥାନାର ଭାରପ୍ରାପ୍ତ ଅଧିକାରୀ ବସନ୍ତ କୁମାର ସାହୁଙ୍କୁ ଦଶପଲ୍ଲା ଥାନାକୁ ବଦଳି କରାଯାଇଛି । ପୁଣି ରିଜର୍ଭ ଅଫିସରେ କାର୍ଯ୍ୟରତ ପୁଷ୍ପଲତା ବେହେରାଙ୍କୁ ନୂଆଗାଁ ଥାନା ଅଧିକାରୀ ଭାବେ ବଦଳି ହୋଇଛି ।

## ଦୁର୍ଘଟଣାରେ ଜଣେ ମୃତ

**ଆସିକା,୨୪।୬(ଡି.ଏନ.ଏ.)**

ଗାଙ୍ଗପୁର ଥାନା ଅନ୍ତର୍ଗତ ଇନ୍ଧନପୁର ନିକଟରେ ଗୁରୁବାର ବିଳମ୍ବିତ ରାତିରେ ମିନିଟ୍ରକ ଧକ୍କାରେ ରାସ୍ତା କଡରେ ଥିବା ଏକ ପିକଅପ ଭ୍ୟାନ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ବେଳେ ହେଲପର ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସାରଙ୍ଗଗଡ ଥାନା ଅନ୍ତର୍ଗତ ଗୁଞ୍ଜିବାଡି ଗ୍ରାମର ରାଜ କିଶୋର ଡିଗଲ । ଆହତ ହେଲପର ସାରଙ୍ଗଗଡ ଥାନା ମେକବାଲି ଗ୍ରାମର ଜେସନ ଡିଗାଲଙ୍କୁ ଭଞ୍ଜନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି । ସୂଚନାଯୋଗ୍ୟ, ପିକଅପ ଭ୍ୟାନ (ଓଡି୦୭ସି-୭୫୯୫)ଟି ଖଲି ବୋଝେଇ କରି ରାଇକିଆରୁ ବ୍ରହ୍ମପୁର ଯାଉଥିଲା । ଇନ୍ଦନପୁର ନିକଟରେ ଗାଡି ଚାଳକ ଓ ହେଲପର ଗାଡି ରଖି ପରିସ୍ରା କରିବାକୁ ଯାଉଥିଲା ବେଳେ ପଛରୁ ଆସୁଥିବା ମିନିଟ୍ରକ ସେମାନଙ୍କୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ଚାଳକ ରାଜକିଶୋରଙ୍କ ମୃତ୍ୟୁ ଘଟିଥିଲା । ଖବରପାଇ ଗାଙ୍ଗପୁର ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ଭଞ୍ଜନଗର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି । ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରାଯିବା ସହ ଚାଳକଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ.୨୫୧/୨୨ରେ ଏକ ମାମଲା ରୁଜୁ କରାଯାଇଛି। ସବଇନିସପେକ୍ଟର ସୁଧୀର ରଞ୍ଜନ

## ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ଧାରଣା




ଧାରଣାରେ ବସିଥିବା ଛାତ୍ରୀଛାତ୍ର ଓ ଅଭିଭାବକ । କ

**ଭାପୁର,୨୪।୬ (ଡି.ଏନ୍.ଏ.)**

ନୟାଗଡ ଜିଲା ଭାପୁର ବ୍ଲକ ବାଇଗୁଣିଆ ପଞ୍ଚାୟତ ଅନ୍ତର୍ଗତ ବୋରଗାଁ ଗ୍ରାମର ଶିକ୍ଷୟିତ୍ରୀ ବଦଳି ଦାବିରେ ଧାରଣା ଦିଆଯାଇଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବୋରଗାଁ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଉକ୍ତ ଗ୍ରାମର ସୁବାସିନୀ ଦେଈ ଦୀର୍ଘ ୧୨ବର୍ଷ ହେବ କାର୍ଯ୍ୟ କରୁଛନ୍ତି । ପ୍ରଧାନ ଶିକ୍ଷୟିତ୍ରୀ ଜଣକ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଅଭିଭାବକମାନଙ୍କୁ ଦୁର୍ବ୍ୟବହାର କରିବା, ବିଦ୍ୟାଳୟ ପରିଚାଳନା କମିଟି ଅଗୋଚରରେ ଅର୍ଥ ଆତ୍ମସାତ କରିଥିବା ଏବଂ ମନଇଚ୍ଛା କାର୍ଯ୍ୟ କରୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଉକ୍ତ ଶିକ୍ଷୟିତ୍ରୀଙ୍କ ବଦଳି ସମ୍ପର୍କରେ ଗ୍ରାମବାସୀ ଲିଖିତ ଭାବେ ଭାପୁର ବିଇଓ, ନୟାଗଡ ଡ଼ିଇଓ ଓ ବାଇଗୁଣିଆ ସରପଞ୍ଚଙ୍କୁ ଅଭିଯୋଗ କରିଥିଲେ । ହେଲେ ମଧ କୌଣସି ସୁଫଳ ମିଳିନାହିଁ । ଗୁରୁବାର ସକାଳୁ ଶତାଧିକ ଗ୍ରାମବାସୀ ବିଦ୍ୟାଳୟ ସମ୍ମୁଖରେ ବଦଳି ଦାବିରେ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା । ଖବରପାଇ ଭାପୁର ଏବିଇଓ ପ୍ରଭାକର ସାମନ୍ତରାୟ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ । ଶିକ୍ଷାବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଶିକ୍ଷୟିତ୍ରୀ ଜଣକ ବଦଳି ପାଇଁ ଦରଖାସ୍ତ ଅନଲାଇନରେ କରିଥିବା ବେଳେ ଦୁଇ ଦିନ ତଳେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଫକୀର ଚରଣ ବେହେରାଙ୍କୁ ପ୍ରଧାନଶିକ୍ଷକ ଦାୟିତ୍ୱ ହସ୍ତାନ୍ତର କରିଥିବା କହିଛନ୍ତି। ଅନ୍ୟପକ୍ଷରେ ଗୋଷ୍ଠୀ ଶିକ୍ଷାଧିକାରୀ ଜୟନ୍ତୀ ସାହୁ କହିଛନ୍ତି, ଏନେଇ ଜିଲା ଶିକ୍ଷାଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି ।

## ରାଜସୁନାଖଳା ରେଳ ଷ୍ଟେଶନରେ ଫିଲ୍ମ ଶୁଟିଂ

**ନୟାଗଡ଼ ଅଫିସ,୨୪।୬**

### ଅନୁମତି ନ ଥାଇ ଶୁଟିଂ କରାଯିବା ପରେ ଉଠିଲା ପ୍ରଶ୍ନ

ନୟାଗନ ଜିଲା ରାଜସୁନାଖଳା ରେଳ ଷ୍ଟେଶନରେ ଗୁରୁବାର ଓ ଶୁକ୍ରବାର ଦୁଇ ଦିନ ଧରି ଫଲ୍ମ ସୁଟିଂ ଚାଲିଥିବା ଦେଖା ଯାଇଥିଲା । ଖୋର୍ଦ୍ଧାରୋଡ ଡିଭିଜିନାଲ ରେଲୱେ ମ୍ୟାନେଜର (ଡିଆରଏମ )ଙ୍କ ଅନୁମତି ନ ଥାଇ ଏଠାରେ ଫିଲ୍ମ ସୁଟିଂ ହୋଇଥିବା ଅଭିଯୋଗ ଉଠିଛି । ଫିଲ୍ମ ସୁଟିଂ ବେଳେ ଷ୍ଟେଶନ ମାଷ୍ଟର, ରେଲୱେ ପ୍ରୋଟେକ୍ସନ ଫୋର୍ସ ଏହାର ମଜା ଉଠାଉଥିବା କେତେଜଣ ଦେଖେଣାହାରୀ କହିଛନ୍ତି । ଏଭଳିସ୍ଥଳେ ଏହାର ତଦନ୍ତ କରି କାର୍ଯ୍ୟାନସ୍ଥାନ ନେବାକୁ ଦାବି ହେଉଛି।




ଫିଲ୍ମ ଶୁଟିଂ ଚାଲିଛି । ଲୋକମାନଙ୍କ ସହ ଷ୍ଟେଶନ କର୍ମଚାରୀମାନେ ଦେଖୁଛନ୍ତି ।

## ଅଗ୍ନିପଥକୁ ବିରୋଧକରି ବିକ୍ଷୋଭ




ଅଗ୍ନିପଥ ବିରୋଧରେ ବାହାରି ଥିବା ପ୍ରତିବାଦ ଶୋଭାଯାତ୍ରା ।

**ଦଶପଲ୍ଲା,୨୪।୬ (ଡି.ଏନ.ଏ.)**

ଶୁକ୍ରବାର ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଦେଶବ୍ୟାପୀ ଅଗ୍ନିପଥ ଯୋଜନା ବାତିଲ ଦାବିରେ ଆନ୍ଦୋଳନ କରାଯାଇଥିଲାଃ ଏହି ପରିପ୍ରେକ୍ଷୀରେ ଦଶପଲ୍ଲାରେ ସଂଯୁକ୍ତ କିଶାନ ମୋର୍ଚ୍ଚା ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ବିଭିନ୍ନ ସ୍ଲୋଗାନ ଦିଆଯାଇ ସହର ପରିକ୍ରମା କରିଥିଲାଃ ପରେ ବ୍ଲକ ଛକ ନିକଟରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା ।

ଏହି ସଭାରେ ଓଡ଼ିଶା କୃଷକ ସଭାର ଓଡ଼ିଶା ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ନୟାଗଡ଼ ଜିଲା ସମ୍ପାଦକ ହରିଶ୍ଚନ୍ଦ୍ର ମିଶ୍ର, ବ୍ଲକ ସମ୍ପାଦକ ଗଣେଶ୍ୱର ନାୟକ,ବ୍ଲକ ସଭାପତି ବ୍ରଜବନ୍ଧୁ ପ୍ରଧାନ ଓ ସିପିଏମ୍ ଜିଲା ସମ୍ପାଦକ ଶରତ ଚନ୍ଦ୍ର ବେହେରା ଏବଂ ଡିୱାଇଏଫ୍‌ଆଇର ବ୍ଲକ ସଭାପତି ସୁଶାନ୍ତ ନାୟକ ଓ ସମ୍ପାଦକ ବିପିନ୍ ବିହାରୀ ବାଜୁ ପ୍ରମୁଖ ନେତୃତ୍ୱ ନେଇଥିଲେ । ଦେଶର ସାର୍ବଭୌମତ୍ୱ ସୁରକ୍ଷା ଦୃଷ୍ଟିରୁ ଅଗ୍ନିପଥ ଯୋଜନାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରାଯାଇଥିଲା ।

## ସ୍କୁଟିକୁ ମାଡ଼ିଦେଲା ଟ୍ରାକ୍ଟର: ମହିଳା ବନରକ୍ଷୀଙ୍କ ମୃତ୍ୟୁ

**ବୁଗୁଡ଼ା,୨୪।୬ (ଡି.ଏନ.ଏ.)**

ବୁଗୁଡା ଉପକଣ୍ଠ ବଡଶଙ୍ଖଠାରେ ଏକ ଟ୍ରାକ୍ଟର ସ୍କୁଟି ଉପରକୁ ମାଡିଯିବା ଫଳରେ ସ୍କୁଟି ଚାଳିକାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ବାଲିପଦର ସେକ୍ସନର ବନରକ୍ଷୀ ଅସ୍ମଦ୍ ବିବି। ତାଙ୍କ ଘର ଭଞ୍ଜନଗର ସହରରେ। ଶୁକ୍ରବାର ଅପରାହ୍ନରେ ଅସ୍ମଦ୍ ବୁଗୁଡ଼ା ବନାଞ୍ଚଳ କାର୍ଯ୍ୟାଳୟରେ କାର୍ଯ୍ୟ ସାରି ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପାଇଖାନା ଖୋଲିବାରୁ ବୋମା ଫୁଟିଲା

**ନୟାଗଡ଼ ଅଫିସ/ଓଡ଼ଗାଁ/ ନୂଆଗାଁ, ୨୪।୬ (ସ୍ୱ.ପ୍ର./ ଡି.ଏନ୍.ଏ.)**

### ଜଣେ ଯୁବତୀ ଆହତ, ନୂଆଗାଁରେ ଉତ୍ତେଜନା

ନୟାଗଡ଼ ଜିଲା ଓଡ଼ଗାଁ ଥାନା ବାହାଡାଖୋଲା ଫାଣ୍ଡି ସିଙ୍ଗାରପଲ୍ଲୀ ନୂଆଗାଁରେ ପାଇଖାନା କବାଟ ଖୋଲିବାରୁ ବୋମା ଫୁଟିଛି । ଏଥିରେ ନୂଆଗାଁର ଭାଗିରଥି ଦଳବେହେରାଙ୍କ ଭଉଣୀ ଅଶାନ୍ତି (୧୭) ଆହତ ହୋଇଛନ୍ତି । ଆହତଙ୍କୁ ପ୍ରଥମେ ବାହାଡାଖୋଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣା ଗତ ୨୨ ତାରିଖ ମଧ୍ୟାହ୍ନରେ ଘଟିଥିବାବେଳେ ଏଯାବତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିନି। ଏହି ଘଟଣାକୁ ନେଇ ନୂଆଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ସେହି ଗାଁର ସନ୍ତୋଷ ଦଳବେହେରାଙ୍କ ନାଁରେ ୯୫/୨୨ରେ ମାମଲା ରୁଜୁ କରି ତଦନ୍ତ କରୁଛି । ଘଟଣାର କାରଣ ଅଭିଯୋଗକାରୀ ଭାଗିରଥି ଅଭିଯୋଗରେ ଦର୍ଶାଇ ନାହାନ୍ତି । ତେବେ ସୁନା ମୁଦି ଚୋରିକୁ ନେଇ ଗାଁରେ ଖଟ ବୁଲିଥିଲା । ଖଟ ଚୋରକୁ ଚିହ୍ନଟ କରିବା ପରେ ଗାଁରେ ଉତ୍ତଜନା ବଢ଼ିଥିଲା । ପରେ ବୋମାମାଡ଼ ପରି ଘଟଣା ଘଟିଛି ।

